visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.250 Bhubaneswar Wednesday, November 24, 2021 | ୨୪ତମ ବର୍ଷ ସଂଖ୍ୟା–୨୫୦ ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ୨୪ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମୋହର: ଲିଙ୍ଗରାଜ ମନ୍ଦିର ପାଇଁ ଆସିଲା ଅଧ୍ୟାଦେଶ

ଭୁବନେଶ୍ୱର,୨୩।୧୧(ପି.ଏନ):ରାଜ୍ୟ କ୍ୟାବିନେଟରେ ଆଜି ମୋଟ ୨୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଥିରେ ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିରର ସୁପରିଚାଳନା ପାଇଁ ଅଧ୍ୟାଦେଶ, ରାଜ୍ୟ ଇଲେକ୍‌ଟ୍ରୋନିକ୍ସ ନୀତି–୨୦୨୧, ଓଡିଶା ଇଣ୍ଡଷ୍ଟ୍ରିଆଲ ପଲିସି–୨୦୧୫ରେ ସଂଶୋଧନ, କ୍ୟାପିଟାଲ ହସ୍ପିଟାଲରେ ପିଜି ଇନଷ୍ଟିଚ୍ୟୁଟ୍ ଓ ଟ୍ରମା କେୟାର କୋଠା ନିର୍ମାଣ ନିମନ୍ତେ ୨୩୫କୋଟି ଟଙ୍କାର ଟେଣ୍ଡର ସମେତ ମୋଟ ୨୪ଟି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି ।ଭର୍‌ଚୁଆଲ ମୋଡରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୨୪ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏ ସମ୍ପର୍କରେ ମିଳିଥିବା ସୂଚନା ଅନୁସାରେ, ପୁରୀ ଶ୍ରୀମନ୍ଦିର ପରିଚାଳନା ଶୈଳୀରେ ରାଜ୍ୟ ସରକାର ଲିଙ୍ଗରାଜ ମନ୍ଦିରକୁ ପରିଚାଳିତ କରିବାକୁ ଚାହୁଁଥିବାରୁ ଏକ ନୂଆ ଆଇନକୁ ଅଧ୍ୟାଦେଶ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଅଧ୍ୟାଦେଶକୁ ଆଜି ରାଜ୍ୟ କ୍ୟାବିନେଟ ମଞ୍ଜୁର କରିଛନ୍ତି ।ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିର ଓ ତା'ର ପାର୍ଶ୍ୱର୍ବୋଦେବୀ ମନ୍ଦିର ଓ ମଠଗୁଡ଼ିକର ସୁପରିଚାଳନା ନିମନ୍ତେ ରାଜ୍ୟ ସରକାର ଏକ ଅଧ୍ୟାଦେଶ ଆଣିଛନ୍ତି । ଏହି ଅଧ୍ୟାଦେଶ ମାଧ୍ୟମରେ ପରିଚାଳନା କମିଟି ଗଠନ, କମିଟିକୁ ଦାୟିତ୍ୱ ଓ କ୍ଷମତା ପ୍ରଦାନ, ପ୍ରଶାସକଙ୍କ ନିଯୁକ୍ତି ଓ କ୍ଷମତା, ମନ୍ଦିରର ସମସ୍ତ



ସ୍ଥାବର–ଅସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ, ସେବାୟତଙ୍କ ଭୂମିକା ଓ ଦାୟିତ୍ୱ, ମନ୍ଦିର ପାଣ୍ଠି ସ୍ଥାପନ ଓ ଏହାର ପରିଚାଳନା ଆଦି ପାଇଁ ଏହି ଆଇନରେ ବ୍ୟବସ୍ଥା ରହିବ। ଏହା ସହିତ ମନ୍ଦିରକୁ ଭକ୍ତଙ୍କ ଆଗମନ ସହ ଭକ୍ତମାନଙ୍କୁ ପୂଜାର୍ଚ୍ଚନା ପାଇଁ ସବୁ ସୁବିଧା ଉପଲବ୍ଧ କରାଇବା, ମନ୍ଦିରର ରୀତିନୀତିକୁ ଅଧିକ ସୁବ୍ୟବସ୍ଥିତ କରାଇବ। ଏହି ଅଧ୍ୟାଦେଶକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ନିମନ୍ତେ ପଠାଯାଇଛି । ଏହି ଅଧ୍ୟାଦେଶକୁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ପରାମର୍ଶରେ ଅଣାଯାଇଛି ବୋଲି ବିସ୍ତୃତ ଆଲୋଚନା ପରେ ଏକ କ୍ଲଜ୍‌କୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପରେ ସାମିଲ କରାଯାଇଛି ।ସେହିପରି ରାଜ୍ୟ ସରକାର କ୍ୟାପିଟାଲ ହସ୍ପିଟାଲକୁ ପିଜି ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସ ଭାବେ ବିକଶିତ କରିବାକୁ ନିଷ୍ପତ୍ତି ନେଇଥିବାରୁ ସେଠାରେ ଆବଶ୍ୟକ କୋଠା ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ନିମନ୍ତେ ୨୩୫.୦୮କୋଟି ଟଙ୍କାର ଟେଣ୍ଡର ମେସର୍ସ ଏଲଆଣ୍ଡଟି କମ୍ପାନୀକୁ ପ୍ରଦାନ କରାଯିବାକୁ କ୍ୟାବିନେଟ ମଞ୍ଜୁର କରିଛନ୍ତି । ଏହି କୋଠାରେ ପିଜି ଇନଷ୍ଟିଚ୍ୟୁଟ୍ ସମେତ ଟ୍ରମା କେୟାର, ସର୍ଜରୀ କମ୍ପ୍ଲେକ୍ସ ଓ କାଜୁଆଲିଟି ଆଦି ସୁବିଧା ରହିବ । ଏହା ରାଜ୍ୟରେ ଉନ୍ନତମାନର ଚିକିତ୍ସା ସୁବିଧା ସହ ଅଭିଜ୍ଞ ଡାକ୍ତର ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେବ ।ସେହିପରି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜ ଓ ହାଇସ୍କୁଲର ଦଖଲରେ ରହିଥିବା ସରକାରୀ ଜମିକୁ ବିନାମୂଲ୍ୟରେ ସେମାନଙ୍କୁ ପ୍ରଦାନ କରାଯିବ। ଏହି ଜମିର ମାଲିକାନା ଯଥାକ୍ରମେ ଉଚ୍ଚଶିକ୍ଷା ବିଭାଗ ଏବଂ ଗଣଶିକ୍ଷା ବିଭାଗ ନାଁରେ କରାଯିବ। ବିଭିନ୍ନ ସ୍ଥାନରେ କଲେଜ ସ୍ଥାପନ ପାଇଁ ସହରାଂଚଳରେ ୧୦ ଏକର ଓ ଗ୍ରାମାଂଚଳରେ ୧୫ଏକର ସରକାରୀ ଜମି ଯୋଗାଇ ଦେବାକୁ ୧୯୭୭ ମସିହାରୁ ନିଷ୍ପତ୍ତି ନିଆଯାଇଥିବା ବେଳେ ହାଇସ୍କୁଲ ଗୁଡିକ ପାଇଁ ସହରାଂଚଳରେ ୨ଏକର ଓ ଗ୍ରାମାଂଚଳରେ ୩ ଏକର ଜମି ବିନା ମୂଲ୍ୟରେ ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଥିଲେ ।ଏହି ନିଷ୍ପତ୍ତିକୁ ୧୯୯୮ ମସିହାରେ ସରକାର ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ସ୍କୁଲ ପାଇଁ ମଧ୍ୟ ଲାଗୁ କରିଥିଲେ । ତେବେ ଆଜି କ୍ୟାବିନେଟ ନେଇଥିବା ନିଷ୍ପତ୍ତି ଅନୁସାରେ ସରକାରୀ ଡିଗ୍ରୀ କଲେଜ(ସ୍ୱୟଂଶାସିତ ଓ ଅଣସ୍ୱୟଂଶାସିତ) କଲେଜର ଜମିଗୁଡିକ ଉଚ୍ଚଶିକ୍ଷା ବିଭାଗ ନାମରେ ନାମିତ କରାଯିବ। ଯେଉଁଠି ଉଭୟ ଜୁନିୟର ଓ ସିନିୟର କଲେଜ ମିଶି କରି ଥିବ ସେଠାରେ ପୃଥକ ଭାବେ ନକରି ଉଚ୍ଚଶିକ୍ଷା ବିଭାଗ ନାମରେ ନାମିତ କରାଯିବ ।ସେହିପରି ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲଗୁଡିକର ଦଖଲରେ ଥିବା ଗ୍ରାମାଂଚଳରେ ୫ଏକର ଓ ସହରାଂଚଳରେ ୩ଏକର ଜମିକୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ମାର୍ଫତରେ ରହିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନାଁରେ ରେକର୍ଡ କରାଯିବ। ରେକର୍ଡ ହେବାକୁ ଥିବା ଜମି ଲିଜ୍ ଯୋଗ୍ୟ, ଅଣଜଙ୍ଗଲ କିସମ, ଡିଏଲସି ଲିଷ୍ଟରେ ନଥାଇ ଅବରୋଧମୁକ୍ତ ଓ ବିବାଦମୁକ୍ତ ହୋଇଥିବା ଆବଶ୍ୟକ। ଏହି ଜମିକୁ ବିନାମୂଲ୍ୟରେ ଜିଲ୍ଲାପାଳଙ୍କ ଅନୁମୋଦନରେ ତହସିଲଦାର ରେକର୍ଡ କରିବେ ।ଏଥିପାଇଁ ଓଡିଶା ସରକାରୀ ଜମି ବନ୍ଦୋବସ୍ତ ଆଇନର ଆବଶ୍ୟକୀୟ ସଂଶୋଧନ ରାଜସ୍ୱ ବିଭାଗ ଦ୍ୱାରା କରାଯିବ । ସେହିପରି ଏସବୁ ଜମି ଉପରେ ହୋଇଥିବା ସମସ୍ତ ଜବରଦଖଲ ମାମଲା ମଧ୍ୟ ବନ୍ଦ କରାଯିବ । ଏହାର ମୂଲ୍ୟାୟନ ପାଇଁ ଟୋକନ ପରିମାଣ ପ୍ରତିବର୍ଷ ଏକ ପିଛା ଏକ ଟଙ୍କା ହସିବାରେ ଓ ଜୋରିମାନା ଏକର ପିଛା ୧୦ଟଙ୍କା ଆଦାୟ କରାଯିବ । ବକେୟା ରାଶି ଉପରେ ଯଦି କୌଣସି ସୁଧ ଥାଏ ତାକୁ ଛାଡ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ସୂଚନା ଦେଇଛନ୍ତି ।

## ଗୋଟିଏ ଦିନରେ ୨୧୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୩।୧୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୧୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୭୩୮୬ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୬ ହଜାର ୭୪୬ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୧୯୧ ରହିଛି । ଆଜି ଚିହ୍ନଟ ହୋଇଥିବା ୨୧୨ ଜଣଙ୍କ ମଧ୍ୟରୁ ୧୨୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୯୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବାଲେଶ୍ୱରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଭଦ୍ରକ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବୌଦ୍ଧ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୨ ସଂକ୍ରମିତ ହୋଇଥିବା ବେଳେ ଦେବଗଡ଼. ଢେଙ୍କାନାଳ ତଥା ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଂଜାମ ଜିଲ୍ଲାରେ ୨, ଜଗତସିଂହପୁର ଜିଲ୍ଲାରୁ ୩ ଜଣ, ଯାଜପୁରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୯୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ସମ୍ବଲପୁରରୁ ୧୩ ଜଣ ଓ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି ସୁନ୍ଦରଗଡ଼ରୁ ୩୯ ଜଣ ଓ ଷ୍ଟେଟ୍ ପୁଲରୁ ୨୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## କୋଭିଡ୍ ଲକ୍ଷଣ ଥିଲେ ସ୍କୁଲକୁ ଆସନ୍ତୁନି ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୩।୧୧(ପି.ଏନ): ଯେଉଁ ଛାତ୍ରଛାତ୍ରୀଙ୍କଠାରେ କୋଭିଡ୍ ଲକ୍ଷଣ ରହୁଛି, ସେମାନେ ସ୍କୁଲ ଯାଆନ୍ତୁ ନାହିଁ । ଏଭଳି ପରାମର୍ଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର। ସୁନ୍ଦରଗଡ଼ ଓ ବୁର୍ଲାରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ କରୋନାରେ ସଂକ୍ରମିତ ହେବା ପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ସଂକ୍ରମଣ ନେଇ ସ୍ଥାନୀୟ ପ୍ରଶାସନ ଅବଗତ ଅଛନ୍ତି। ଯେଉଁମାନେ ସଂକ୍ରମିତ, ସେମାନଙ୍କୁ ସଙ୍ଗରୋଧରେ ରଖାଯାଇଛି। କଲେଜ ଛାତ୍ରଛାତ୍ରୀ ଟିକା ନେଇଥବାରୁ ଗୁରୁତର ହେବାର ଆଶଙ୍କା ନାହିଁ। କିନ୍ତୁ ସ୍କୁଲ ଛାତ୍ରଛାତ୍ରୀଙ୍କ ଲାଗି ସାମାନ୍ୟ ଚିନ୍ତା ରହିଛି ।ସ୍କୁଲ ଓ କଲେଜରେ କର୍ତ୍ତୃପକ୍ଷ ଲକ୍ଷଣ ଥିବା ଛାତ୍ରଛାତ୍ରୀଙ୍କ ଉପରେ ନଜର ରଖନ୍ତୁ। ସ୍କୁଲ ଓ କଲେଜରେ ନିୟମ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ସଚେତନ ରହିଲେ, ସଂକ୍ରମଣକୁ ରୋକିପାରିବା।

## ପେଟ୍ରୋଲ ଡିଜେଲ ଉପରୁ ଭାଟ୍ ହ୍ରାସ

ଭୁବନେଶ୍ୱର, ୨୩।୧୧(ପି.ଏନ): ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ମୂଲ୍ୟଯୁକ୍ତ କର ହ୍ରାସ କରିବାକୁ ନିଷ୍ପତି ନେଇଛନ୍ତି। ପେଟ୍ରୋଲ ଉପରେ ଲାଗୁଥିବା ଟ୍ୟାକ୍ସକୁ ୩୨ ପ୍ରତିଶତରୁ ୨୮ ପ୍ରତିଶତକୁ ଓ ଡିଜେଲ ଉପରୁ ୨୮ ପ୍ରତିଶତ ରୁ ୨୪ ପ୍ରତିଶତକୁ ଟ୍ୟାକ୍ସ ହ୍ରାସ କରିବା ନିଷ୍ପତି ଉପରେ କ୍ୟାବିନେଟ୍ ମୋହର ଲାଗିଛି। ଏହାଦ୍ୱାରା ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପ୍ରତି ୧୧୧ ଟଙ୍କା ୬ ପଇସାରୁ ହ୍ରାସ ପାଇ ୧୦୧ ଟଙ୍କା ୮୧ ପଇସା ହୋଇଥିବା ବେଳେ ଡିଜେଲ ଦର ୧୦୭ ଟଙ୍କା ୩୯ ପଇସାରୁ ୯୧ ଟଙ୍କା ୬୨ ପଇସାକୁ ହ୍ରାସ ପାଇଛି। ଆସ୍କା ସମବାୟ ଚିନି ଶିଳ୍ପ ଲିମିଟେଡ୍ ଆଖୁଚାଷୀମାନଙ୍କ ଠାରୁ ଆଖୁ ପେଡା ଋତୁ ୨୦୧୮–୧୯ ପାଇଁ କିଣିଥିବା ଆଖୁର ପ୍ରାପ୍ୟ ତୁରନ୍ତ ପ୍ରଦାନ ପାଇଁ ଆସ୍କା କେନ୍ଦ୍ର ସମବାୟ ବ୍ୟାଙ୍କ ଠାରୁ ୧୫ କୋଟି ଟଙ୍କା ନଗଦ ଋଣ ମଂଜୁର କରାଇବା ପାଇଁ ରାଜ୍ୟ ସରକାର ଦେଇଥିବା ଋଣ ଜାମିନ୍ ର କାର୍ଯ୍ୟୋତର ଅନୁମୋଦନ ଦେବାକୁ ନିଷ୍ପତି ନେଇଛନ୍ତି।

## ଓକାକ୍ ସିଇଓଙ୍କୁ ଠକେଇ ମାମଲାରେ ନାଇଜେରିଆନ୍ ଠକ ଗିରଫ

ଭୁବନେଶ୍ୱର, ୨୩।୧୧(ପି.ଏନ): ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟର(ଓକାକ୍) ସିଇଓ ମନୋଜ କୁମାର ପଟ୍ଟନାୟକଙ୍କ ହ୍ୱାଟସପ୍ ହ୍ୟାକ କରି ୭ ଲକ୍ଷ ଟଙ୍କା ଠକେଇ କରିବା ମାମଲାରେ ମୁଖ୍ୟ ଅଭିଯୁକ୍ତକୁ ଦିଲ୍ଲୀ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ଓକୁଉଦିରି ପାଷ୍ଟାଲ। ଦିଲ୍ଲୀ ପୋଲିସ ନାଇଜେରିଆନ ଗ୍ୟାଙ୍ଗର ଏହି ଠକକୁ ବେଙ୍ଗାଲୁରୁରୁ ଗିରଫ କରିଛି ।ଅଭିଯୁକ୍ତଙ୍କ ଠାରୁ ପୋଲିସ ୭ ଟି ଏଟିଏମ କାର୍ଡ, ୪ ଟି ମୋବାଇଲ ଏବଂ କିଛି ସିମ କାର୍ଡ ଜବତ କରିଛି। ମାମଲାର ଅଧିକ ତଦନ୍ତ ପାଇଁ ଦିଲ୍ଲୀ ପୋଲିସ ଅଭିଯୁକ୍ତଙ୍କୁ ୮ ଦିନିଆ ରିମାଣ୍ଡରେ ନେଇ ପଚାଉଚରା କରୁଛି। ତେବେ ଏହି ଅଭିଯୁକ୍ତଙ୍କୁ ପଚାଉଚରା ପାଇଁ ଓଡ଼ିଶା କ୍ରାଇମ ବ୍ରାଂଚର ଏକ ୨ ଜଣିଆ ଟିମ୍ ବେଙ୍ଗାଲୁରୁ ଯିବ। ସିଇଓଙ୍କ ଠାରୁ କିପରି ଠକେଇ କଲେ ସେନେଇ ପଚରାଉଚରା କରିବ। ଆବଶ୍ୟକ ହେଲେ ଅଭିଯୁକ୍ତକୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମବ୍ରାଂଚ ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି ।

## ଯୁବ ରେଡ଼କ୍ରସ ବିଭାଗ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶବିର

ଭୁବନେଶ୍ୱର,୨୩।୧୧(ପି.ଏନ): ଶିଶୁ ଅନନ୍ତ ମହାବିଦ୍ୟାଳୟ ବାଲିପାଟଣା ପରିସରରେ ତା ୨୨.୧୧.୨୦୧ରିଖ ସୋମବାର ଦିନ ଅଧକ୍ଷ ବୈକୁଣ୍ଠ ନାରାୟଣ ଦାସ ଙ୍କ ଅଧକ୍ଷତାରେ ଯୁବ ରେଡ଼କ୍ରସ ବିଭାଗ ତରଫରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ଏଏସଜି ଆଇ ହସ୍ପିଟାଲର ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀମାନେ ଆସି ମହା ବିଦ୍ୟାଳୟର କର୍ମଚାରୀ। ଛାତ୍ର ଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏହି ଶିବିରରେ ୧୪୦ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଯୁବ ରେଡ଼କ୍ରସ ଭୁବନେଶ୍ୱର ଜୋନ୍ ର ପୂର୍ବତନ କାଉନସିଲର ଓ ସୁଶୀଲ ପଟ୍ଟନାୟକଯୋଗ ଦେଇଥିଲେ। ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ବିଭାଗର କାଉନସିଲ ଓଡ଼ିଆ ବିଭାଗର ପ୍ରଧାନ୍ୟ ପ୍ରାଧାପିକା ଡକ୍ଟର ରଶ୍ମିତା ମହାପାତ୍ର ଓ ଗଣଶିକ୍ଷା ବିଭାଗର ଅଧ୍ୟାପକ ଶ୍ରୀ ପ୍ରାଣକୃଷ୍ଣ ଗୋଚ୍ଛାୟତ ଏଡି ଶିବିରର ଆୟୋଜନ କରି ସୁଚାରୁ ରୂପେ ପରିଚାଳନା କରିଥିଲେ ।




## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନା ସାମିଲ ହେଲା ରାୟଗଡା ଜିଲ୍ଲା

ଭୁବନେଶ୍ୱର, ୨୩।୧୧(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭର୍ଚୁଆଲ ମାଧ୍ୟମରେ ରାୟଗଡା ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ୮ ଲକ୍ଷ ୩୦ ହଜାର ଲୋକ ଏହି ସୁବିଧା ପାଇବେ। ଏହାସହିତ ରାଜ୍ୟର ୧୭ଟି ଜିଲ୍ଲାର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହେଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଜନଜାତି ଭାଇ ଭଉଣୀ ମାନଙ୍କର ଉଚ୍ଚ ପ୍ରଶଂସା କରି କହିଲେ ଯେ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାର ସୁଯୋଗ ନେଇ ନିଜ ଜୀବନଧାରଣ ମାନରେ ପରିବର୍ତ୍ତନ ଆଣିପାରିଛନ୍ତି । ସେହିପରି ଜିଲ୍ଲାରେ ମା ମାନେ ୪୦୦୦ ମିଶନ ଶକ୍ତି ଗ୍ରୁପରେ ସାମିଲ ହୋଇ ନିଜର ସାମାଜିକ ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିପାରିଛନ୍ତି ଓ ନିଜକୁ ସକ୍ଷମ କରିପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜି ରାୟଗଡା ପାଇଁ ମୁଖ୍ୟମନ୍ତ୍ରୀ ୮୭୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ରାୟଗଡାରେ ଜଳସେଚନର ସୁବିଧା ପାଇଁ ଦୁଇଟି ମେଗା ଲିଫ୍‌ଟ ପ୍ରକଳ୍ପ ଶେଷ ହୋଇଛି ଏବଂ ଏହାଦ୍ୱାରା ଗୁଣୁପୁର ବ୍ଲକ୍ ର ୧୦୦୦ ହେକ୍ଟର ଜମିକୁ ପାଣି ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ସାଂସଦ ଭାସ୍କର ରାଓ, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ପ୍ରମୁଖ ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ରୂପାନ୍ତର ଆଣିବାରେ ସକ୍ଷମ ହୋଇଛି ବୋଲି କହିଥିଲେ । ବିକାଶ ତଥା କଲ୍ୟାଣ କ୍ଷେତ୍ରରେ ଓଡିଶାକୁ ଦେଶର ଏକ ମଡେଲ ରାଜ୍ୟ ଭାବରେ ମୁଖ୍ୟମନ୍ତ୍ରୀ ପ୍ରତିଷ୍ଠିତ କରିପାରିଛନ୍ତି ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।

**Accommodation Wanted**

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

**APPOINTMENT**

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**






# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଟର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୁଦ୍ଦେଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଡକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଜାତୀୟକବି-ସଂଗ୍ରାମୀ ବୀରକିଶୋର





ଦେଶ ପରାଧୀନ, ଗୋରା ଶାସନର ଚାବୁକ ପ୍ରହାର ଖାଇ ମନୁଷ୍ୟ ବଂଚୁଥାଏ। ସମାଜର ବଡପଣ୍ଡାମାନଙ୍କ ହସ୍ତରେ ଶାସନର ଡୋରୀ। ଡୋରୀକୁ ଧରିବସିଥାଆନ୍ତି ନିଷ୍ଠୁର ଅର୍ଥଲୋଭୀ ବ୍ୟକ୍ତି। ପର ଧନ ଆଉ ପର ସ୍ତ୍ରୀ ଥିଲା ସେମାନଙ୍କ ଲାଗି ସୁଖର ପସରା। ଇଂରେଜମାନଙ୍କର ଅନ୍ୟାୟ ଶାସନରେ ଲୋକମାନେ ଖୁବ୍ ଅତ୍ୟାଚାରିତ। ଏହି ସମୟରେ ହରିହରପୁର (ଜଗତସିଂହପୁର) ଦେଇ ବହି ଯାଉଥାଏ ଅଳକା ନଦୀ। ନିକଟରେ ଅଳକା ଆଶ୍ରମ, ପାଖାପାଖି ଗାଁ ପୁନଙ୍ଗ। ଏହି ଗାଁର ଗୋପାଳଚନ୍ଦ୍ର ଓ ପଦ୍ମାବତୀଙ୍କ କୋଳମଣ୍ଡନ କରି ୧୮୯୬ ମସିହା ନଭେମ୍ବର ମାସ ୨୩ ତାରିଖ ସୋମବାର ଦିନ ଜନ୍ମନେଲେ କବି ବୀରକିଶୋର। ପିତାମାତାଙ୍କର ସେ ଥିଲେ ପ୍ରଥମ ସନ୍ତାନ।

ଗାଁର ନରହରି ଦାସଙ୍କଠାରୁ ଅକ୍ଷର ଶିକ୍ଷା ଓ ଅନ୍ୟାନ୍ୟ ପାଠ ପଢିଥିଲେ ବୀରକିଶୋର। ପିତା ଗୋପାଳଚନ୍ଦ୍ର ପୁଅକୁ ବଡମଣିଷ କରିବା ପାଇଁ କଟକର ଟାଉନ୍ ଭିକ୍ଟୋରିଆ ସ୍କୁଲରେ ନାମ ଲେଖାଇଦେଲେ। ପରବର୍ତୀ କାଳରେ ସେହି ସ୍କୁଲର ନାମ 'ଭକ୍ତମଧୁ ବିଦ୍ୟାପୀଠ' ନାମରେ ନାମିତ ହେଲା। ଭକ୍ତକବି ମଧୁସୂଦନ ରାଓ ସେ ସ୍କୁଲର ସେକ୍ରେଟାରୀ ଥିଲେ। ଭକ୍ତକବି ବୀରକିଶୋରଙ୍କ ଚାଲିଚଳନ ଦେଖି କହିଥିଲେ, ସେ ଜଣେ ବଡ କବି ହେବ। ଟାଉନ୍ ଭିକ୍ଟୋରିଆରୁ ମାଟ୍ରିକ ପାସ୍‌କରି ବୀରକିଶୋର ରେଭେନ୍ସା କଲେଜରେ ପାଠ ପଢିଲେ। ମେସ୍‌ରେ କବି ନାରାୟଣମୋହନ ଦେଙ୍କଠାରୁ ଉତ୍ସାହ ପାଇ କବିତା ଲେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଷୋଳବର୍ଷ ବୟସରେ ସେ ଦୁବଘାସ ଉପରେ କାକରଟୋପା ସବୁ ପଡୁଥିବା ଦେଖି କବିତା ରଚନା କରିଥିଲେ। ମହାତ୍ମାଗାନ୍ଧି ଆଫ୍ରିକାରୁ ଆସି ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥାନ୍ତି। କଲେଜରେ ପଢୁଥିବା ବୀରକିଶୋରଙ୍କ ମନ ପରାଧିନ ଭାରତବର୍ଷ ପାଇଁ ଛଟପଟ ହେଉଥାଏ। ଜମିଦାରୀ ହରାଇଥିବା ବାପାଙ୍କର ଇଚ୍ଛା ପୁଅ ବଡ ଚାକିରି କରିବ। ପିତାଙ୍କର ଆର୍ଥିକ ଅବସ୍ଥା ଖରାପ ଦେଖି ବୀରକିଶୋର ପି.ଡବ୍ଲ୍ୟୁ.ଡି.ରେ ମାସିକ ୫୫ ଟଙ୍କା ଦରମାରେ ଚାକିରି କଲେ। ତାଙ୍କର ସାନଭାଇ ବାନାମ୍ବର ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ସାରିଥାନ୍ତି। ସେ ସମୟରେ ଯେଉଁ ଛାତ୍ରମାନେ ଆନ୍ଦୋଳନରେ ମିଶୁଥାଆନ୍ତି, ସେମାନଙ୍କୁ 'ବାନରସେନା' କୁହାଯାଏ। ଗୋରା ସେନାପତି ଡାୟାରଙ୍କ ନିର୍ଦ୍ଦୟ ଆଚରଣ ଓ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ବୀରକିଶୋରଙ୍କ ମନରେ ଗଭୀର ଆଘାତ ଦେଲା। ସ୍ୱାଧିନତା ଆନ୍ଦୋଳନରେ ଯୋଗଦେବା ପାଇଁ ବୀରକିଶୋରଙ୍କ ଆଗ୍ରହ ତାଙ୍କୁ ଜାତୀୟକବିତା ଲେଖିବାକୁ ବାଧ କରିଥିଲା। ତାଙ୍କରଏହି କବିତାଗୁଡିକ କଟକର 'ମୁକୁରପ୍ରେସ'ରେ 'ମୋହନବଂଶୀ' ନାମରେ ପ୍ରକାଶ ପାଇଲା। ବହିଟିର ଲେଖକ ଓ ପ୍ରକାଶକ ଛଦ୍ମନାମ ବାନାମ୍ବର ଓ ମୁଦ୍ରାକର ବି.ଏସ୍. ଦାସ ବୋଲି ରହିଲା। ତିନିଅଣା ଦାମ୍‌ର ବହିଟି ମଧୁସୂଦନ ଦାସଙ୍କୁ ଉତ୍ସର୍ଗ କରାଗଲା। ସରକାରଙ୍କ ହୁକୁମ ଜାରି ପୂର୍ବରୁ ବହିତକ ବିକ୍ରି ହୋଇଯାଇଥିଲା। ୧୯୨୨ ମସିହାରେ ବୀରକିଶୋର ଚାକିରିରୁ ଇସ୍ତଫା ଦେଇଥିଲେ। ଇସ୍ତଫାପତ୍ରରେ ଲେଖିଲେ- "ଏ ଦୁର୍ବଳ ଅତ୍ୟାଚାରୀ ସରକାର ଅଧୀନରେ ମୁଁ ଆଉ ଚାକିରି ଚାହେଁନା। ମୁଁ ଯଦି ବଂଚିଥାଏ, ସ୍ୱାଧୀନ ସରକାର ଗଢାହେଲେ କିଛିଦିନ ଚାକିରି କରିବି।"

ବୀରକିଶୋର ସରକାରୀ ଚାକିରି ଛାଡିବାର ଅଳ୍ପ କେତେଦିନ ପରେ ନୋଦା ଅଂଚଳର ଜମିଦାର ଧର୍ମାନନ୍ଦ ପଟ୍ଟନାୟକଙ୍କ ଝିଅ ଶାରଦା ଦେବୀଙ୍କୁ ବିବାହ କରିଥିଲେ। ବିବାହ ପରେ ବୀରକିଶୋର ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଲେ। ବାନରସେନାଙ୍କ ମନୋବଳ ବଢାଇବା ପାଇଁ ବୀରକିଶୋର ବିଭିନ୍ନ ଗୀତ ଲେଖୁଥିଲେ। ବୀରକିଶୋରଙ୍କ ରଚିତ ଗୀତଗୁଡିକ ବିଭିନ୍ନ ସଭାସମିତିରେ ଗାୟନ କରାଗଲା ଓ ବାନରସେନାମାନେ ତାଙ୍କ ଗୀତ ଗାଇ ଗାଇ ଗାଁଗହଳିରେ ବୁଲିଲେ-

*"ସାଜିଲେ ପିଲାଏ ବାନରସେନା*
*ବାହାରିଲେ ଧରିତ୍ରିରଙ୍ଗା ବାନା*
*ଖାଇଲେ ଗୋଇଠା ବେତପାହାର*
*ଦେଖିଲେ ସହିବ ଛାତି କାହାର*
*ଗୋରା ସରକାର ବନ୍ଧୁକ ଗୁଳି*
*କବିତା ଶକତି ତା'ଠାରୁ ବଳି।।"*

୧୯୩୦ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ 'ଆଇନଅମାନ୍ୟ' ଆନ୍ଦୋଳନ ବା ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଗଲା। ଗାନ୍ଧିଜୀ ଦାଣ୍ଡିଯାତ୍ରା କଲେ। ସତ୍ୟାଗ୍ରହୀମାନେ ଓଡିଶାରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ କାଠଯୋଡି ନଈକୂଳରୁ ଇଂଚୁଡି ବାହାରିଲେ। ବୀରକିଶୋରଙ୍କ ରଚିତ 'ଦରିଆ ଦଖଲ କରିଯିବ କିଏ ଆସ' ଗୀତ ବୋଲି ବୋଲି ସତ୍ୟାଗ୍ରହୀମାନେ ଚାଲିଲେ। ସରକାରଙ୍କ ଅତ୍ୟାଚାରକୁ ଖାତିର ନକରି ସତ୍ୟାଗ୍ରହୀମାନେ ସମୁଦ୍ରରୁ ଲୁଣମରା କାର୍ଯ୍ୟ ଆରମ୍ଭ କରିଦେଲେ। ଏହି ସମୟରେ ବୀରକିଶୋର ଯେଉଁସବୁ ଗୀତ ଲେଖିଲେ, ତାହାକୁ ଏକ ବାର ପୃଷ୍ଠାର ବହିଟି 'ରଣଦୁନ୍ଦୁଭି' ନାମରେ ପ୍ରକାଶ କଲେ। ଛଦ୍ମନାମରେ ପ୍ରେସର ନାମ ରହିଲା 'ରେଙ୍ଗୁନ୍ ବିପ୍ଳବୀ ପ୍ରେସ୍' ମୁଦ୍ରକଇୟାଂପୁଙ୍ଗୀ ଓ ପ୍ରକାଶକ 'କାମଦେବ', ବହିଟିର ଦାମ୍ ଥିଲା ଏକଅଣା। ଏହି ବହିଟି ଲେଖିବା ଯୋଗୁ ବୀରକିଶୋର ରାଜଦ୍ରୋହ ଅପରାଧରେ ଜେଲଦଣ୍ଡ ଭୋଗକଲେ।

ଲବଣ ସତ୍ୟାଗ୍ରହରେ ଅନେକ ଲୋକ ଗିରଫ୍ ହେଲେ। ଆନ୍ଦୋଳନ ବଢିବାରେ ଲାଗିଲା। ବ୍ରିଟିଶ ସରକାର ଗୋଲଟେବୁଲ ବୈଠକରେ ଯୋଗ ଦେବାକୁ ମହାତ୍ମାଗାନ୍ଧିଙ୍କୁ ଆମନ୍ତ୍ରଣ କଲେ। ଏହି ସମୟରେ ବୀରକିଶୋର 'ରଣଭେରୀ' ନାମରେ ପାଂଚପୃଷ୍ଠାର ବହିଟିଏ ଲେଖିଲେ। ଯାହାର ଦାମ୍ ଥିଲା ମାତ୍ର ପଇସାଏ। ଗୀତ ଲେଖି ବୀରକିଶୋର ସାତବର୍ଷ ଜେଲଦଣ୍ଡ ଭୋଗ କଲେ। ତାଙ୍କର ଘର ସତର ଥର ଖାନ୍‌ତଲାସ ହୋଇଥିଲା।

ବ୍ରହ୍ମପୁର କେନ୍ଦ୍ରୀୟ ଜେଲ ଭିତରେ ବୀରକିଶୋର ଥିବା ସମୟରେ ତ୍ରିରଙ୍ଗା ପତାକା ଉତୋଳନ କରିବାକୁ ନେଇ ଲାଠିମାଡରେ ପ୍ରାୟ ଅଶିଜଣ ବନ୍ଦୀ ଓ ବୀରକିଶୋର ଆହତ ହୋଇଥିଲେ। ୧୯୪୩ ମସିହା ମାର୍ଚ୍ଚ ମାସ ଅଣତିରିଶ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲ ଭିତରେ ଫାଶୀଖୁଣ୍ଟରେ ଝୁଲାଇ ଦିଆଗଲା। ଏହି ଘଟଣାରେ ବୀରକିଶୋର ଦୁଃଖରେ ଯେଉଁ ଗୀତଟିଏ ଲେଖି ବୋଲିଦେଲେ, ତାହା ଶୁଣି ସବୁ ବନ୍ଦୀମାନେ ଭୋଭୋ କାନ୍ଦିଉଠିଲେ। ସେମାନଙ୍କ ମନରେ ଆଶଙ୍କା ହେଲା ଆଉ କ'ଣ ଦେଶ ସ୍ୱାଧୀନ ହେବନାହିଁ! ବୀରକିଶୋର ମନର ଭାବନାକୁ ଚପାଇ ବନ୍ଦୀମାନଙ୍କ ମନରେ ନୂତନ ସାହସ, ଆଶା ଓ ଭାବନା ସୃଷ୍ଟି କରୁଥିଲେ।

ବୀରବାବୁ ଜେଲ ଭିତରେ 'ବୈଜୟନ୍ତୀ' ନାଁରେ ଗୋଟିଏ ହାତଲେଖା ପତ୍ରିକା ସଂପାଦନା କରୁଥିଲେ। ଏହି କାର୍ଯ୍ୟରେ ସାହାଯ୍ୟ କରୁଥିଲେ ବୈକୁଣ୍ଠନାଥ ମହାନ୍ତି, ବିଶ୍ୱମ୍ବର ପରିଡା, ରାମପ୍ରସାଦ ମହାନ୍ତି ଓ ଅନେକ ଯୁବବନ୍ଦୀ। ସ୍ୱାଧୀନତାର ବାର୍ତା ପ୍ରଚାର ପାଇଁ ସେ କିଛିଦିନ ପ୍ରଜାତନ୍ତ୍ର ପତ୍ରିକାର ପ୍ରକାଶକ ହୋଇଥିଲେ। ଜେଲରୁ ଫେରି ବୀରକିଶୋର ଯେତେଗୁଡିଏ ପତ୍ରପତ୍ରିକା ପିଲାମାନଙ୍କ ପାଇଁ ପ୍ରକାଶ କରୁଥିଲେ, ସେଥିମଧ୍ୟରୁ 'ମୋ ଦେଶ' ପତ୍ରିକା ଥିଲା ଅନ୍ୟତମ। ବୀରବାବୁଙ୍କର ସରଳତାର ସୁଯୋଗ ନେଇ ଯିଏ ଯାହା ଖାଇଗଲେ। ଶେଷରେ 'ମୋ ଦେଶ' ପ୍ରେସ୍ ନିଲାମ ହୋଇଗଲା। ସେ ଜୀବନର ଶେଷପର୍ଯ୍ୟନ୍ତ ଋଣମୁକ୍ତ ହୋଇପାରି ନ ଥିଲେ। ପାଠ୍ୟପୁସ୍ତକର ଯେତେବେଳେ ଜାତୀୟକରଣ କରାଗଲା, ବୀରକିଶୋର ସେହି କମିଟିର ସଂପାଦକ ଥିଲେ। ତାଙ୍କ ଉଦ୍ୟମରେ ମୋ ଛବିବହି ଓ ନୂଆ ଛବିବହି ପ୍ରକାଶ ପାଇଥିଲା।

୧୯୪୬ ମସିହାରେ କଟକ ଜିଲ୍ଲାବୋର୍ଡକୁ ସଭ୍ୟଭାବରେ ସେ ଜଗତ୍‌ସିଂହପୁରରୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ପରେ ସେ କଟକ ଜିଲ୍ଲା ଲୋକାଲ ବୋର୍ଡର ଭାଇସ୍‌ଚେୟାରମ୍ୟାନ ଓ ଚେୟାରମ୍ୟାନ ହୋଇଥିଲେ। ବୀରବାବୁ କଂଗ୍ରେସଦଳର ପ୍ରାର୍ଥୀଭାବେ ଉପ-ନିର୍ବାଚନରେ ଜଗତ୍‌ସିଂହପୁର ଆସନରୁ ନିର୍ବାଚିତ ହୋଇ, ୧୯୫୯ ମସିହା ଫେବୃଆରୀ ମାସ ୨୫ ତାରିଖରେ ବିଧାନସଭାର ସଭ୍ୟଭାବରେ ଶପଥ ଗ୍ରହଣ କରିଥିଲେ।

ଜାତୀୟକବି ବୀରକିଶୋର ସ୍ୱାଧୀନ ଭାରତ ବିଷୟରେ ଅନେକ ସ୍ୱପ୍ନ ଦେଖିଥିଲେ। ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଆଧୁନିକ ବାବୁମାନଙ୍କୁ ଦେଖି ସେ ଲେଖିଥିଲେ-

*"ବାବୁ ନ ଚିହ୍ନିବ ଛତାଯୋତାରୁ*
*ସାଧୁ ନ ଚିହ୍ନିବ ଗୋଲିଚିତାରୁ*
*ନେତା ନ ଚିହ୍ନିବ ଖାଲି କଥାରୁ*
*ଥରେ ବୁଲିଆସ କଲିକତାରୁ।"*

ମହାନ୍ ଜାତୀୟକବି ବୀରକିଶୋର ଯାହା ପାଇଛନ୍ତି, ଅନ୍ୟକୁ ଦାନ କରିଦେଇଛନ୍ତି। ଆର୍ଥିକ ଦୁଃସ୍ଥିତିରେ ପଡି ସେ କେବେ କାହା ପାଖରେ ହାତ ପତେଇନାହାଁନ୍ତି। ସେ ଦେଶର ସେବା ଓ ମାନବସେବାକୁ ମାଧବସେବା ବୋଲି ବିଶ୍ୱାସ ରଖି କାର୍ଯ୍ୟକରିଯାଇଛନ୍ତି। ୧୯୭୩ ମସିହା ଅପ୍ରେଲ ମାସ ୨୮ ତାରିଖରେ ସେ ଏହି ଧରାଧାମରୁ ବିଦାୟ ନେଲେ ଅମର ଧାମକୁ। ଆଜି ଲୋକଙ୍କ ମନ ହୃଦୟରେ ସେ ପ୍ରତିଧ୍ୱନିତ ହେଉଛନ୍ତି ଓ ହେଉଥିବେ।

**ଅକ୍ଷୟ କୁମାର ରାଉତ, ପାରାଦ୍ୱୀପ ଗଡ୍, କୁଜଙ୍ଗ, ଜଗତ୍‌ସିଂହପୁର, ମୋ- ୯୯୩୭୬୯୧୪୭୫**

# ମା' ସୁନନ୍ଦା ଶକ୍ତିପୀଠ, ବାଂଲାଦେଶ



ବାଂଲାଦେଶର ଶିକାରପୁରର ବରୀସଲ ବା ବରୀସାଲ୍‌ରୁ ଉତ୍ତରରେ ୨୧ କିଲୋମିଟର ଦୂର ଶିକାରପୁର ନାମକ ଏକ ଗାଁରେ ସୁନନ୍ଦା ନଦୀ କୂଳରେ ମା' ସୁନନ୍ଦା ସୁଗନ୍ଧା ଶକ୍ତିପୀଠ ଅବସ୍ଥିତ। ଏଠାରେ ମାତା ସୁନନ୍ଦାଙ୍କୁ 'ଶକ୍ତି' ଓ ଭଗବାନ ଭୈରବଙ୍କୁ 'ଶିବ' ରୂପରେ ପୂଜା କରାଯାଏ। ଏଠାକାର ମନ୍ଦିର 'ଉଗ୍ରତାରା' ନାମରେ ଜଣାଶୁଣା। ଏହି ମନ୍ଦିର ପଥରରେ ନିର୍ମିତ। ମନ୍ଦିରର ପଥର ଦ୍ୱାର ରେ ମଧ୍ୟ ଦେବୀ ଦେବତା ମାନଙ୍କର ଅତି ସୁନ୍ଦର ସୁନ୍ଦର ଚିତ୍ର ରହିଛି। ମନ୍ଦିରର ପରିସରରୁ ଜଣାଯାଏ ଯେ ମନ୍ଦିର ବହୁ ପ୍ରାଚୀନ।

ଏହି ମନ୍ଦିରର ନାମ ଭରତଚନ୍ଦ୍ରଙ୍କ ବଙ୍ଗଳା କବିତା 'ଅନ୍ନାଦାମଙ୍ଗଳ'ରେ ମିଳିଥାଏ। ଏଠାରେ ସ୍ଥାପିତ ପ୍ରାଚୀନ ମୂର୍ତ୍ତି ଚୋରି ହୋଇ ଯାଇଛି ଓ ଏହା ସ୍ଥାନରେ ନୂଆ ମୂର୍ତ୍ତି ସ୍ଥାପିତ ହୋଇଛି। ଏହି ମୂର୍ତ୍ତି ବୌଦ୍ଧ ତନ୍ତ୍ର ସହିତ ସଂପୃକ୍ତ ବୋଲି କୁହାଯାଏ। ଉଗ୍ରତାରା ସୁଗନ୍ଧା ଦେବୀଙ୍କ ପାଖରେ ଖଣ୍ଡା, କଙ୍କଡ଼ା, ନୀଳପାଦ ଓ ନରମୁଣ୍ଡର ମାଳା ରହିଛି। ଭଗବାନ କାର୍ତ୍ତିକ, ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ, ଭଗବାନ ଶିବ ଓ ଭଗବାନ ଗଣେଷ ତାଙ୍କ ଉପରି ଭାଗରେ ସ୍ଥାପିତ ହୋଇଛନ୍ତି।




ଏହି ମନ୍ଦିର ମାତା ସତୀଙ୍କ ଶକ୍ତିପୀଠମାନଙ୍କ ମଧ୍ୟରେ ଅନ୍ୟତମ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ




ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ବାଂଲାଦେଶର ଶିକାରପୁରର ମାତା ସୁନନ୍ଦା ସୁଗନ୍ଧା ଶକ୍ତିପୀଠ ଅନ୍ୟତମ। ଧାର୍ମିକ ଗ୍ରନ୍ଥ ଅନୁସାରେ ଏଠାକାର ଯେଉଁ ସ୍ଥାନରେ ମାତା ସତୀଙ୍କର 'ସୁନନ୍ଦା ସୁଗନ୍ଧା' ଶକ୍ତିପୀଠ ରହିଛି, ସେଠାରେ ମାତା ସତୀଙ୍କର 'ନାକ ଖଣ୍ଡ' ପଡ଼ିଥିଲା। ବର୍ଷର ସବୁ ସମୟରେ ମାତା ସୁନନ୍ଦା ସୁଗନ୍ଧା ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମାତା ସୁନନ୍ଦା ସୁଗନ୍ଧା ଦେବୀଙ୍କରଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତା ସୁନନ୍ଦା ସୁଗନ୍ଧା ଦେବୀଙ୍କୁ ପୂଜା କରିବାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ। ମାତା ସୁନନ୍ଦା ସୁଗନ୍ଧା ଦେବୀଙ୍କ ଦର୍ଶନ କରିବା ପାଇଁ ଖୁଲନାରୁ ଷ୍ଟିମର ଯୋଗେ ବୀରସାଲ୍‌ରେ ପହଞ୍ଚି, ସେଠାରୁ ସଡ଼କ ପଥରେ ଶୀକାରପୁର ଗ୍ରାମରେ ପହଞ୍ଚି ପାରିବେ। ଏଠାକାର ନିକଟତମ ରେଳ ଷ୍ଟେଷନର ନାମ 'ଝଲକଟୀ'। ଏଠାରୁ ମାତା ସୁନନ୍ଦା ସୁଗନ୍ଧା ଦେବୀଙ୍କ ମନ୍ଦିର ମାତ୍ର ୮ କିଲୋମିଟର ଦୂର ଓ ନିକଟତମ ବିମାନବନ୍ଦର ବାରୀସାଲ।






**ଶରତ କୁମାର ରାଉତ,** ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

## ପଥରରେ ଛେଚି ଅଜଣା ଯୁବକଙ୍କୁ ହତ୍ୟା



ଯୋଡା (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ବାମେବାରୀ ଥାନା ଅନ୍ତର୍ଗତ ହାତୀଦରୀ- ଧାତିକା ରାସ୍ତା କଡରୁ ଏକ ମୃତଦେହ ଉଦ୍ଧାର କରାଯାଇଛି। ସୂଚନାରୁ ପ୍ରକାଶ ଯେ ସୋମବାର ଦିନ ଉକ୍ତ ରାସ୍ତାକଡ ଜଙ୍ଗଲ ପାଖରେ ଏକ ମୃତ ଦେହ ପଡିଥିବାର ଦେଖି ସ୍ଥାନୀୟ ଲୋକ ବାମେବାରୀ ଥାନାକୁ ଖବର ଦେଇଥିଲେ। ଖବର ପାଇ ବାମେବାରୀ ପୁଲିସ ଘଟଣାସ୍ଥଳରେ ପହଂଚି ମୃତ ଶରୀରକୁ ଉଦ୍ଧାର କରିଥିବା ବେଳେ ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା । ବାମେବାରୀ ଥାନା ଏସ ଆଇ ବିଶ୍ୱଜିତ ବେହେରାଙ୍କ ସୂଚନା ଅନୁଯାୟୀ ମୃତ ବ୍ୟକ୍ତିଙ୍କୁ ନିର୍ମମ ଭାବେ ବଡ ପଥରରେ ଛେଚି ହତ୍ୟା କରିଛନ୍ତି, ଯଦ୍ୱାରା ତାଙ୍କ ଚେହେରାରୁ ପରିଚୟ ଜଣାପଡୁନାହିଁ। ତେବେ ମୃତକଙ୍କ ବୟସ ଆନୁମାନିକ ଭାବେ ୨୫ରୁ ୩୦ ବର୍ଷ ହେବ ବୋଲି ଜଣାପଡିଛି। ମରଶରୀରକୁ ୯୬ ଘଣ୍ଟା ଡାକ୍ତରଖାନାରେ ରଖିବା ପରେ ବ୍ୟବଛେଦ କରାଯିବ ବୋଲି ଜଣାପଡିଛି। ତେବେ ଏ ନେଇ ବାମେବାରୀ ପୋଲିସ ଏକ ମାମଲା (୧୬୧/୨୧) ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି।

## ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ମହିଳା ବିଜେଡିର ବିକ୍ଷୋଭ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରର ନେତୃତ୍ୱାଧିନ ମୋଦୀ ସରକାରଙ୍କ ଆର୍ଥିକ ପରିଚାଳନାଗତ ତୃଟି ଯୋଗୁଁ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ଓ ଉଜ୍ୱଳା ଯୋଜନାର ଅସଫଳତା ପ୍ରତିବାଦରେ କେନ୍ଦ୍ରାପଡା ବିଜୁ ମହିଳା ଜନତା ଦଳ, ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ କେନ୍ଦ୍ରାପଡା ପୌର ପରିଷଦ କାର୍ଯ୍ୟାଳୟ ଏବଂ କେନ୍ଦ୍ରାପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପାଞ୍ଚବର୍ଷ ପୂର୍ବେ ରନ୍ଧନ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୫୪୯ ଟଙ୍କା ୬୯ ପଇସା ଥିବାବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଇ ୯୨୬ ଟଙ୍କାରେ ପହଞ୍ଚିଛି । ଭାରତରେ ଏତେ କମ୍ ସମୟ ମଧ୍ୟରେ ରନ୍ଧନ ଗ୍ୟାସ ଦର ୭୦ ପ୍ରତିଶତ ବୃଦ୍ଧି ପାଇବା ଏହା ଏକ ସର୍ବକାଳୀନ ରେକର୍ଡ । ଏହାର ପ୍ରତିବାଦରେ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋସ୍ନା ସାହୁଙ୍କ ସଭାପତିତ୍ୱରେ ଏବଂ କେନ୍ଦ୍ରାପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସୁମିତ୍ରା ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ଯୋଗଦେଇ ମୋଦୀ ସରକାରଙ୍କ ଗୁରୁତର ଆର୍ଥିକ ପରିଚାଳନାଗତ ତୃଟିକୁ ସମାଲୋଚନା କରିଥିଲେ । ଏଭଳି ପରିଣାମକୁ ସମଗ୍ର ରାଜ୍ୟବାସୀ ଆଜି ଭୋଗ କରୁଛନ୍ତି ବୋଲି ସେ କହିଥିଲେ । ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ଏବଂ ଉଜ୍ୱଳା ଯୋଜନାର ବିଫଳତାକୁ ନେଇ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କୁ ଓ କେନ୍ଦ୍ରାପଡା ବ୍ଲକର ବିଡିଓ ଅଶ୍ୱିନୀ କୁମାର ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ଉତ୍କଳକେଶରୀ ପରିଡା, ଜିଲ୍ଲା ମହିଳା ଜନତା ଦଳ ଉପସଭାନେତ୍ରୀ ସୀତାସୁନ୍ଦରୀ ମଲ୍ଲିକ, ପୂର୍ବତନ ନଗରପାଳ ଧିରେନ ସାହୁ, ବ୍ଲକ ଅଧକ୍ଷ ଶିବପ୍ରସାଦ ଭଳ, ମହିଳା ବିଜେଡି ସମ୍ପାଦିକା ଜ୍ୟୋସ୍ନାରାଣୀ ଜେନା, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଭକ୍ତିମୟୀ କର, ସ୍ନେହପ୍ରଭା ତ୍ରିପାଠୀ, ମମତାରାଣୀ ଧଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଜିଲ୍ଲା ଛାତ୍ର ବିଜେଡି ସଭାପତି ପ୍ରଦୀପ କୁମାର ସାହୁ ପ୍ରମୁଖ କେନ୍ଦ୍ର ସରକାରର ରନ୍ଧନ ଗ୍ୟାସ ଦରବୃଦ୍ଧିକୁ ସମାଲୋଚନା କରି ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସବିତା ସାହୁ, ରିଜୁୱାନା ବେଗମ୍, ମିନତୀ ପରିଡା, ସ୍ନେହଲତା ପ୍ରଧାନ, ମହେନ୍ଦ୍ର ମିଶ୍ର, ହିରଣ୍ୟ ପଣ୍ଡା, କାଳୀପ୍ରସାଦ ମିଶ୍ର, ସଙ୍ଗମ ସାମଲ, ମାନସ ଦାସ, ଭଜକୃଷ୍ଣ ରାଉତ, ସୁଧିର ସ୍ୱାଇଁ, ମହମ୍ମଦ ସେକ୍ ଇନାୟତ୍ (ଚନ୍ଦନ), ଆଲୋକ ସାହୁ, ଦୁଷ୍ମନ୍ତ ମଳିକ, ସ୍ମୃତିମୟୀ ସେନାପତି, ଝରାଶ୍ରୀ ସ୍ୱାଇଁ, ବିକାଶ ଦଳାଇ, ସ୍ୱରୁପ ରାଉତରାୟ, ରଶ୍ମୀରଞ୍ଜନ ରାଉତ, ପ୍ରକାଶ ସାହୁ, ଦାମୋଦର ଜେନା, ଅଭିଷେକ ସ୍ୱାଇଁ, ଅକ୍ଷୟ ମେକାପ, ପ୍ରିୟଦର୍ଶିନୀ ତରାଇ, ମିନତୀ ଦାସ, ସୁକାନ୍ତ ସେଠୀ, ରଞ୍ଜନ ସାହୁ, ଦେବେନ୍ଦ୍ର ଦାସ, ରମାକାନ୍ତ ମହାନ୍ତି, ରବିନ୍ଦ୍ର ପଣ୍ଡା, ସୁମନ୍ତ ପରିଡା, ରଞ୍ଜିତ ସାହୁ, ମଙ୍ଗଳ ବରଣ ସିଂ, ଯଯାତି କେଶରୀ ମହାନ୍ତି, ମାନସ ସାହୁ (ମାନ) ପ୍ରମୁଖ ଉପସ୍ଥିତ ଥିଲେ।

## ବାଲି ବୋଝେଇ ୩ ହାଇୱା ତଣ୍ଡ ଗଣିଲେ ୬୦ ହଜାର ଟଙ୍କା

ଝୁମ୍ପୁରା (ପିଏନ୍): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ତହସିଲ ପକ୍ଷରୁ ୩ଟି ହାଇୱା ଠାରୁ ୬୦ ହଜାର ଜୋରିମାନା ଆଦାୟ କରାଯାଇଛି। ସୂଚନା ମୁତାବକ ହାଇୱା ନଂ-(ଓଡି୦୧ୱ।ଇ୨୫୧୫, ଓଡି୦୧ୱ।ଇ୨୭୧୫, ଓଡି୦୧ୱାଇ୬୧୧୫) ଗାଡିଗୁଡିକ ତୁରୁମୁଙ୍ଗାଠାରୁ ବାଲି ବୋଝେଇ କରି ପଳାଶପଙ୍ଗା ଯାଉଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସେନସିଆ ତୀର୍କି, ରେଭିନ୍ୟୁ ସୁପରଭାଇଜର ଭୁବନାନନ୍ଦ ନାୟକ, ଝୁମ୍ପୁରା ରାଜସ୍ୱ ନୀରିକ୍ଷକ ସମ୍ପଦ କୁମାର ପ୍ରଧାନ ତହସିଲ ସମ୍ମୁଖରେ ବାଲି ବୋଝେଇ ହାୱା ଗାଡି ଗୁଡିକୁ ଅଟକାଇ ଚାଲାଣ(ଟିପି) ସବୁ ଯାଂଚ କରିବାରୁ ଦେଖିବାକୁ ପାଇଲେ ଯେ ଚାଲାଣ ଉପରେ ଲେଖାଥିବା ତାରିଖ ଏବଂ ଡୁପ୍ଲିକେଟ ଚାଲାଣ ଉପରେ ଲେଖାଥିବା ତାରିଖରେ ତାଳମେଳ ନଥିଲା । ହାଇୱା ଚାଳକମାନଙ୍କୁ ବହୁ ପଚରାଉଚରା ପରେ ସେମାନେ ଚାଲାଣ (ଟିପି) ଗୁଡିକୁ ଚଟଂକତା କରି ତାରିଖ ଲେଖିଥିବା ସ୍ୱୀକାର କରିଥିଲେ । ଫଳରେ ବାଲି ବୋଝେଇ ପ୍ରତ୍ୟେକ ହାଇୱା ଗାଡି ପିଛା ୨୦ହଜାର ଟଙ୍କା ଲେଖାଏଁ ମୋଟ ୬୦ ହଜାର ଟଙ୍କା ମାଲିକଙ୍କୁ ତଣ୍ଡ ଗଣିବାକୁ ପଡିଥିଲା।




# ଆନନ୍ଦପୁର ଏବଂ ଘଷିପୁରା ବ୍ଲକ ବିଜେଡି ପକ୍ଷରୁ ରନ୍ଧନ ଗ୍ୟାସ୍ ପ୍ରତିବାଦରେ ବିକ୍ଷୋଭ



ଆନନ୍ଦପୁର,(ପି.ଏନ):ଆଜି ଘଷିପୁରା ନିର୍ବାଚନ ମଣ୍ଡଳୀର ଘଷିପୁରା ବ୍ଲକ ଠାରେ ରନ୍ଧନ ଗ୍ୟାସ୍ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ଏକ ବିରାଟ ରାଲିରେ ଆସି ଘଷିପୁରା ବ୍ଲକ ସମ୍ମୁଖରେ ଏକ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଘଷିପୁରା ବିଧାୟକ ତାଙ୍କ ଅଭିଭାଷଣରେ କେନ୍ଦ୍ରର ମୋଦି ସରକାରଙ୍କ ଜନମାରଣା ନୀତି ବିରୋଧରେ ବିଜେଡି ପକ୍ଷରୁ ଜନ ଆନ୍ଦୋଳନ ତେଜୁଛି । ପୂର୍ବରୁ ଅହେତୁକ ପେଟ୍ରୋଲ ଓ ଡିଜେଲ ଦର ବିରୋଧରେ ସ୍ୱର ଉତ୍ତୋଳନ କରି ବିଜୁ ଜନତା ଦଳ ସଫଳ ହୋଇଥିବା ବେଳେ କେନ୍ଦ୍ର ସରକାର ପଛଘୁଞ୍ଚା ଦେଇ ତୈଳ ଦର ହ୍ରାସ କରିଥିଲେ । ବିଗତ ନିର୍ବାଚନରେ କେନ୍ଦ୍ରରେ ଭାଜପା ଆସିଲେ ଭାରତର ଆଛା ଦିନ ଆସିବ ବୋଲି ଘୋଷଣା କରିଥିଲେ । ତେବେ ନିର୍ବାଚନ ଜିତିବା ପରେ ପ୍ରଥମ ଉପହାର ଦେଇଥିଲେ ମାଗଣା ରନ୍ଧନ ଗ୍ୟାସ୍ । ଏହି ରନ୍ଧନ ଗ୍ୟାସ୍‌ର ଦର ଦାମ ହ୍ରାସ ପାଇଁ ଦାବି କରି ବିଜେଡି ପକ୍ଷରୁ ଘଷିପୁରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମହିଳା, ଯୁବଛାତ୍ର ଆଦି ସମସ୍ତେ ବିଜେଡି ଆନ୍ଦୋଳନ କରି ରାଜରାସ୍ତା ଉପରେ ମହିଳାମାନେ ସିଲିଣ୍ଡର ମୁଣ୍ଡରେ ବୋହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥି ସହିତ କାଠ ଚୁଲିରେ ରୋଷେଇ କରି ଅଭିନବ ପ୍ରଦିବାଦ ପ୍ରଦର୍ଶନ କରିଥିଲେ । ୩ ମାସ ମଧ୍ୟରେ ଓଡିଶାରେ ୮୭ ହଜାର ୪୭୨ ହିତାଧିକାରୀଙ୍କୁ ମାଗଣାରେ ରନ୍ଧନ ଗ୍ୟାସ୍ ପ୍ରଦାନର ୪ ମାସ ପରେ ପୂର୍ବରୁ ଥିବା ସବ୍‌ସିଡ୍‌କୁ ଉଚ୍ଛେଦ କରି ମୂଳଦୁଆ ପକାଇଥିଲେ । ଲୋକଙ୍କ ସମସ୍ୟାକୁ ନେଇ ବିଜୁ ମହିଳା ଯୁବ ଏବଂ ଛାତ୍ର ଜନତା ଦଳ ଘଷିପୁରା ବ୍ଲକ ବିଡିଓ ଅସିତ୍ ପଟ୍ଟନାୟକଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ଆନନ୍ଦପୁର ପୌରପରିଷଦରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ପୌରାଞ୍ଚଳର ସମସ୍ତ ମହିଳା ସଭାନେତ୍ରୀ ଦିଲେଶ୍ୱର ପାତ୍ର, ଆନନ୍ଦପୁର ନଗର ସଭାପତି ସୁଶିଲ କୁମାର ହୋତା, ଜିଲ୍ଲା ଯୁବ ସଭାପତି ରାକେଶ କୁମାର ରାମ, ଜିଲ୍ଲା ଉପସଭାପତି ଦେବ ରଂଜନସାହୁ, ପୂର୍ବତନ କାଉନ୍‌ସିଲର ମମତା ରାଣୀ ଜେନା, ଜିଲ୍ଲା ଯୁବ ଉପସଭାପତି ଭୁବନ ସେଠୀ ପ୍ରମୁଖ ଦଧିବାମନ ମନ୍ଦିରରୁ ଏକ ବିରାଟ ପଟୁଆରରେ ବାହାରି ଆନନ୍ଦପୁର ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେଇଥିବା ବେଳେ ଆନନ୍ଦପୁର ବ୍ଲକ ସମ୍ମୁଖରେ ଏକ ପ୍ରତିବାଦ ଓ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା । ଆନନ୍ଦପୁର ବ୍ଲକର ସମସ୍ତ ପଂଚାୟତରୁ ମହିଳା, ଯୁବ ବିଜୁ ଚାତ୍ର ଜନତାର ଶତାଧିକ କର୍ମୀ ଆନନ୍ଦପୁର ବ୍ଲକ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋବ ପ୍ରତିବାଦ କରିବା ପରେ ଆନନ୍ଦପୁର ବିଡିଓ ପଞ୍ଚାନନ ମଲ୍ଲିକଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆନନ୍ଦପୁର ବିଧାୟକ ଭାଗିରଥି ସେଠୀଙ୍କ ଦ୍ୱାରା ଦିଆଯାଇଥିଲା ।

## ଗାୟତ୍ରୀ ବିଦେଶୀ ଠିପି ବନ୍ଦ ମଦ ଦୋକାନକୁ ଗ୍ରାମବାସୀଙ୍କ ବିରୋଧ

ବିଲେଇପଦା,(ପି.ଏନ):ଯୋଡା ଥାନା ଅନ୍ତର୍ଗତ ବିଲେଇପଦା ଠାରେ ଥିବା ଗାୟତ୍ରୀ ବିଦେଶୀ ଠିପି ବନ୍ଦ ମଦ ଦୋକାନକୁ ସ୍ଥାନୀୟ ବିଲେଇପଦା, ବିରିକଳା, ଗୋବିନ୍ଦପୁର, ବଳିତା, କରଣ ସାହି, କଣ୍ଡରା ପ୍ରଭୃତି ଗ୍ରାମର ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ଗ୍ରାମବାସୀଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଘୋର ବିରୋଧ କରିଛନ୍ତି । ବିରୋଧ କରିବାର କାରଣ ହେଉଛି ଯେଉଁ ଠାରେ ଉକ୍ତ ମଦ ଦୋକାନଟି ହୋଇଛି ସେହି ସ୍ଥାନଟି ଗ୍ରାମବାସୀଙ୍କ ଦୈନନ୍ଦିନ ଯାତାୟତ ରାସ୍ତା । ଉକ୍ତ ରାସ୍ତା ଦେଇ ଗ୍ରାମବାସୀମନେ ଜଙ୍ଗଲକୁ ଜାଣେଣି କାଠ ସଂଗ୍ରହ କିରବା ପାଇଁ ଯାଉଥିବା ବେଳେ ଏହା ଟାଟା ଷ୍ଟିଲ ସ୍ୱ ଲଙ୍ଗ୍ ପ୍ରଡକ୍ଟର ମୁଖ୍ୟ ରାସ୍ତା ଅଟେ । ସେଠାରେ ଦିନରାତି ମଦୁଆମାନେ ମଦ୍ୟପାନ କରି ଅଭଦ୍ର ଭାଷାରା ଗାଳିଗୁଲଜ କରିବା ସହିତ ଅନେକ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବଢିବାରେ ଲାଗିଛି । ଏଠାରେ ମଦ ଦୋକାନ ହେବା ଦ୍ୱାରା ପରିବାରରେ ବିଶୃଙ୍ଖଳା ସୃଷ୍ଟି ହେଉଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ କୌଣସି ବ୍ୟକ୍ତି ମଦ କିଣିଲା ପରେ ମଦ ବ୍ୟବସାୟୀ କୌଣସି ବିଲ୍ ଦିଅନ୍ତି ନାହିଁ ।

## ରନ୍ଧନ ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ଘଟଗାଁ ବିଜେଡି ପକ୍ଷରୁ ବିକ୍ଷୋଭ



ଘଟଗାଁ,(ପି.ଏନ):ଦିନକୁ ଦିନ ଇନ୍ଧନ ସହିତ ରନ୍ଧନ ଗ୍ୟାସ୍‌ର ଦର ହୁ ହୁ କରି ବଢଚାଲିଛି, ଯାହାର ପ୍ରଭାବ ସିଧାସଳଖ ଗରିବ ଗୁରୁବାଙ୍କ ହାଣ୍ଡିଶାଳରେ ପଡୁଛି । ତେବେ କେନ୍ଦ୍ର ସରକାରଙ୍କ ଏହି ଗରିବ ମାରଣା ନିତିକୁ ବିରୋଧ କରି ଗତକାଲି ଠାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରାଜ୍ୟ ବିଜୁ ମହିଳା, ଯୁବ ଏବଂ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଆଜି ଦ୍ୱିତୀୟ ଦିନରେ ରାଜ୍ୟର ପ୍ରତି ବ୍ଲକ୍ ରେ ରାଜ୍ୟ ବିଜୁ ମହିଳା, ଯୁବ ଏବଂ ଛାତ୍ର ଜନତା ଦଳ ପକ୍ଷରୁ ଆନ୍ଦୋଳନ କରିବା ସହିତ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରୁଥିବା ବେଳେ କେନ୍ଦୁଝର ଜିଲ୍ଲାର ଘଷିପୁରା ନିର୍ବାଚନ ମଣ୍ଡଳୀର ଘଟଗାଁ ଠାରେ ମଧ୍ୟ ଆଜି ଏହି ବିକ୍ଷୋଭ ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ଘଷିପୁରା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଘଟଗାଁ ବ୍ଲକ୍‌ର ଶତାଧିକ ବିଜୁ ମହିଳା, ଯୁବ ଏବଂ ଛାତ୍ର ଜନତା ଦଳ କର୍ମୀ ମାନ୍ୟବର ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ଆଦେଶରେ କେନ୍ଦୁଝର ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଦେବାଶିଷ୍ ପାତ୍ରଙ୍କ ନେତୃତ୍ୱରେ ରାସ୍ତାକୁ ଓହ୍ଲାଇଥିଲେ । ଏହି ରାଲି ଘଟଗାଁ ତହସିଲ୍ ଛକ ଠାରୁ ଆରମ୍ଭ କରି ଘଟଗାଁ ବଜାର ଦେଇ ବ୍ଲକ୍ ଅଭିମୁଖେ ଜାଇଥିଲେ । ବ୍ଲକ୍ ସମ୍ମୁଖ ରେ କିଛି ସମୟ କେନ୍ଦ୍ର ସରକାରଙ୍କ ବିରୋରେ ସ୍ଲୋଗାନ୍ ଦେଇ ଇନ୍ଧନ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧିକୁ ପ୍ରତିବାଦ କରିବା ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଘଟଗାଁ ବିଡିଓ ନାରାୟଣ ସାହୁଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

## ଅତା ସତ୍ୟସାଇ ସେବା ସଂଗଠନର ୯୬ତମ ଜନ୍ମଦିବସ ପାଳନ

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ଅତା ଗ୍ରାମର ଶ୍ରୀ ସତ୍ୟସାଇ ସେବା ସଂଗଠନ ତରଫରୁ ଆବାହକ ଚନ୍ଦନ କୁମାର ନାଥଙ୍କ ସଂଯୋଜନାରେ ଶ୍ରୀ ସତ୍ୟସାଇ ବାବାଙ୍କ ୯୬ତମ ପୂଣ୍ୟ ଜନ୍ମତିଥି ପାଳିତ ହୋଇଯାଇଛି । ଅତା ଗ୍ରାମବାସୀଙ୍କ ଦ୍ୱାରା ଆଜି ପ୍ରାତଃ ୪.୩୦ ସମୟରେ ସାଇବାବାଙ୍କ ଫଟୋଚିତ୍ରକୁ ଏକ ସୁସଜ୍ଜିତ ରଥରେ ପ୍ରଭାତଫେରୀ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସକାଳ ୬.୩୦ରେ ସମୁହ ସେବା ଏବଂ ୯.୩୦ରେ ଷୋଡଶ ଉପଚାର ପୂଜା ପୂଜକ ମଦନ ମୋହନ ମିଶ୍ରଙ୍କ ଦ୍ୱାରା ସମ୍ପାଦନ କରାଯାଇ ସାଇ ଭଜନ ପରିବେଷଣ କରାଯାଇଥିଲା । ଉତ୍ସବରେ ଦୂରଦର୍ଶନର ପ୍ରତିନିଧି ବୟୋଜ୍ୟେଷ୍ଠ ସାଇପ୍ରେମୀ ମଦନ ମୋହନ ପାଲ ଯୋଗ ଦେଇ ବାବାଙ୍କ ମୁଖ ନିଃସୃତ ବାଣୀ ଆଦୃତ କରି ସତ୍ୟ ହେଉଛି ଚିରନ୍ତନ ଓ ଜୀବାତ୍ମାର ସନ୍ଧାନରେ ମେଧାର ସଫଳତା ସତ୍ୟ ପରମାର୍ଥିକ ନଗୃଢ ଅର୍ଥ । ଆତ୍ମାର ଜାଗରଣ ହୃଦୟର ପ୍ରସ୍ଫୁଟନ ଓ ପ୍ରସାରଣ ସମସ୍ତଙ୍କ ପ୍ରତି ସ୍ନେହ ଶ୍ରଦ୍ଧାର ସ୍ୱତ୍ୟ ବର୍ଷଣକୁ ବାବା ପ୍ରେମ ରୂପେ ବୁଝାନ୍ତି, ମାନବ ସେବା ହିଁ ମାଧବ ସେବା ବାବାଙ୍କ ମୂଳ ମନ୍ତ୍ର । ସୃଷ୍ଟିର ଅଣୁ ପରମାଣୁ ରେ ସର୍ବ ପ୍ରାଣରେ ସର୍ବ ବସ୍ତୁରେ ଓ ସର୍ବତ୍ର ଏହା ଭଗବତ ସତ୍ତା ଦର୍ଶନ କରେ ବୋଲି କହିଥିଲେ । ସଂଗଠନ ତରଫରୁ ହୋଇଥିବା ସାଇ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ଅନ୍ୟତମ ସାଇପ୍ରେମୀ ଦିଲ୍ଲୀପ ଦାସ,କ୍ଷୀରୋଦ ପାଲ, କୁଳମଣି ନାଥ, ଅକ୍ଷୟ କୁମାର ପାଲ, ବିଷ୍ଣୁ ମୋହନ ପାଗଳ, ତୁଷାର କାନ୍ତ ନାଥ, ରାମଚନ୍ଦ୍ର ନାଥ, ମାନସ କୁମାର ନାଥ ପ୍ରମୁଖ ବହୁ ସାଇପ୍ରେମୀ ଭାଗ ନେଇଥିଲେ । ସଂଗଠନ ତରପରୁ ଦରିଦ୍ରନାରାୟଣ ସେବା ପୂର୍ବକ ୩୦ଜଣ ନାରାୟଣଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା । ଉତ୍ସବରେ ସମାଜସେବୀ ବୁଲୁ ପଟ୍ଟନାୟକଙ୍କ ସହିତ ଅତା ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ଓଡିଶାର ଦୁର୍ବଳ ଶ୍ରେଣୀର ଲୋକଙ୍କ ସହିତ ବିଜେପି ନାହିଁ: ବିଜେଡି

ଭୁବନେଶ୍ୱର,(ପି.ଏନ): ଓଡିଶା ବିଜେପି ଏବଂ ଏହାର ରାଜ୍ୟ ସଭାପତି ସମୀର ମହାନ୍ତି ଓଡିଶାର ଦୁର୍ବଳ ଶ୍ରେଣୀର ଲୋକଙ୍କ ସହିତ ନାହାନ୍ତି । ନହେଲେ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ଆଉ ୮ମାସ ପାଇଁ ବଢାଇବା ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଚିଠି ଲେଖିଛନ୍ତି ତାହା ଉପରେ ସେ ଆପତି ଉଠାଇ ନଥାନ୍ତେ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ ମହାନ୍ତି । ରାଜ୍ୟ ବିଜେପି ସଭାପତିଙ୍କୁ ଜବାବ ଦେଇ ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ଯେ କୋଭିଡ ମହାମାରୀ ଯୋଗୁଁ ସମାଜର ଦୁର୍ବଳ ଶ୍ରେଣୀର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏହି କାର୍ଯ୍ୟକ୍ରମ ଅଧୀନରେ ସେମାନଙ୍କୁ ଆଠ ମାସର ମାଗଣା ଚାଉଳ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡିଶା ବିଜେପି ଦ୍ୱାରା ସମର୍ଥନ କରାଯିବା ଉଚିତ୍ । ସମୀର ମହାନ୍ତିଙ୍କ ଦଳ ଗତ ସାତ ବର୍ଷ ମଧ୍ୟରେ ଇନ୍ଧନ ଏବଂ ରନ୍ଧନ ଗ୍ୟାସର ମୂଲ୍ୟ ଦୁଇଗୁଣରୁ ଅଧିକ ବୃଦ୍ଧି କରିଛି ଯାହା ଗରିବ ଏବଂ ମଧ୍ୟବିତଶ୍ରେଣୀର ଲୋକଙ୍କୁ ଗୁରୁତର ଭାବେ ବାଧୁଛି । କେନ୍ଦ୍ରର ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଓଡିଶାର ଚାଷୀଙ୍କ ଠାରୁ ଚାଉଳ କିଣା ଯାଉନଥିବା ବେଳେ ଓଡିଶା ବିଜେପି ଏଥିପାଇଁ ଚିନ୍ତିତ ନୁହେଁ । ଇନ୍ଧନ ଏବଂ ଗ୍ୟାସ ଦର ବୃଦ୍ଧି ପାଇଁ ବି ଚିନ୍ତା କରୁନାହିଁ ଯାହା ସାଧାରଣ ଲୋକଙ୍କୁ କ୍ଷତି ପହଂଚାଉଛି, ଏହା କେବଳ ବ୍ୟବସାୟୀ ଏବଂ ପଇସା ଥିବା ଲୋକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଚିନ୍ତା କରୁଛି ।

## ହିନ୍ଦ୍ ମଜଦୁର ସଭା ରାଜ୍ୟ ମହିଳା କମିଟି ବୈଠକ

ଭୁବନେଶ୍ୱର,(ପି.ଏନ):ହିନ୍ଦ୍ ମଜଦୁର ସଭା ରାଜ୍ୟ କାର୍ଯ୍ୟାଳୟରେ ମହିଳା କମିଟିର ଏକ ବୈଠକ ରାଜ୍ୟ ସଭାନେତ୍ରୀ ସୁଶ୍ରୀ ଲକ୍ଷ୍ମୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ହିନ୍ଦ୍ ମଜଦୁର ସଭାର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, କେନ୍ଦ୍ର ଉପସଭାପତି ରାଜେନ୍ଦ୍ର ପ୍ରସାଦ ସିଂ, ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠୀ, ଡ଼େପୁଟି ଜେନେରାଲ ସେକ୍ରେଟାରୀ ଲକ୍ଷ୍ମୀଧର ସାହୁ, ଉପସଭାପତି ଯୁଗଳ ନାୟକ, ସମ୍ପାଦକ ରାଜେନ୍ଦ୍ର ଦାସ ଓ ବିରଜା କିଙ୍କର ନାୟକ, ଉପ-ସଭାପତି ସଂଯୁକ୍ତା ମହଲ, ସମ୍ପାଦକ ଜ୍ଞାନ ରଞ୍ଜନ ଦାସ, କୋଷାଧ୍ୟକ୍ଷ ନବକିଶୋର ମଲ୍ଲିକ, ରୀନା ନାଏକ ପ୍ରମୁଖ ବହୁ ନାରୀନେତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ରାଜ୍ୟରେ ସରକାରୀ ଓ ବେସରକାରୀ ନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ କରିବା ଏବଂ ମହିଳାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବାଟାଲିୟନ ପ୍ରତିଷ୍ଠା କରିବା ପାଇଁ ସର୍ବସମ୍ମତ ମତପ୍ରକାଶ ପାଇଥିଲା ।

## ପ୍ରଫେସର ନାରାୟଣ ପ୍ରସାଦ ଜେନାଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା




କେନ୍ଦ୍ରାପଡା,(ପି.ଏନ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ହାଇସ୍କୁଲର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ପ୍ରଫେସର ସ୍ୱର୍ଗତ ନାରାୟଣ ପ୍ରସାଦ ଜେନାଙ୍କ ଦ୍ୱାଦଶାହରେ ତାଙ୍କ ଇନ୍ଦୁପୁରସ୍ଥିତ ବାସଭବନରେ ମଙ୍ଗଳବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଛାତ୍ର ସଂସଦର ସଭାପତି ତଥା ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡଃ. ଶ୍ରୀବତ୍ସ ଲାଞ୍ଛନ ଜେନାଙ୍କ ଅଧ୍ୟକ୍ଷତାରେ ଏବଂ ସମ୍ପାଦକ ଶିକ୍ଷକ ପ୍ରଣବ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଜେନା ବରୀ-ରାମଚନ୍ଦ୍ରପୁର କଲେଜର ଅଧ୍ୟକ୍ଷ ଥିବାବେଳେ କିଭଳି ଛାତ୍ରବତ୍ସଳ ହୋଇପାରିଥିଲେ ସେ ସମ୍ପର୍କର ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟାପକ ଗୋଲକ ଚନ୍ଦ୍ର ମହାଭୋଇ, ଡଃ. ଗିରିଶ ଚନ୍ଦ୍ର ପାତ୍ର, ସୁରେଶ ଚନ୍ଦ୍ର ପାତ୍ର, ଡଃ. ଉପେନ୍ଦ୍ର କୁମାର ପ୍ରଧାନ, ପ୍ରଫେସର ଅଜୟ କୁମାର ସାମଲ, ଅଜୟ କୁମାର ରାଉତ, ବରୀ-ରାମଚନ୍ଦ୍ରପୁର କଲେଜ ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା, ଶିକ୍ଷାବିତ୍ ଶୁଭାଷ ଚନ୍ଦ୍ର ମଜୁମଦାର, ରମେଶ ଚନ୍ଦ୍ର ମହାନ୍ତି, ଦେବେନ୍ଦ୍ର ରାଉତ, ମଦନମୋହନ ସ୍ୱାଇଁ, ଚିରରଞ୍ଜନ ରାଉତ, ଦେବେନ୍ଦ୍ର ରାଉତ, ଅଦ୍ୱୈତ ବଲ୍ଲଭ ଜେନା, ଇନ୍ଦୁପୁର ବିରୂପା କଲେଜ ଅଧ୍ୟକ୍ଷ ଅଭିଜିତ୍ ବୋଷ, ପ୍ରଫୁଲ୍ଲ କୁମାର ଜେନା, ଧ୍ରୁବ ଚରଣ ପାତ୍ର, ପରୀକ୍ଷିତ ପାତ୍ର, ପର୍ଶୁରାମ ସ୍ୱାଇଁ, ରତ୍ନାକର ବାରିକ, ଭାଗିରଥୀ ଜେନା, ଶ୍ରୀବତ୍ସ ନାୟକ, ଆଲୋକ ସାହୁ, ରାଜେଶ ପଣ୍ଡା, ମହାକାଳ ପଡା ବିକାଶ ସାମ୍ମୁଖ୍ୟ ସଭାପତି କାଶୀନାଥ ରାଉତରାୟ, ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ । ଶେଷରେ ଚନ୍ଦନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯକ୍ଷ୍ମା ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଘଷିପୁରା,(ପି.ଏନ):ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ଅନ୍ତର୍ଗତ ଅତା ଗ୍ରାମରେ ଆଜି ଯକ୍ଷ୍ମା ରୋଗର ଗୋଷ୍ଠୀ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଯକ୍ଷ୍ମା ପରୀକ୍ଷାଗାର ପରିଦର୍ଶକ ପ୍ରଦୀପ କୁମାର ପାଗଳ ଉପସ୍ଥିତ ହୋଇ ଯକ୍ଷ୍ମା ରୋଗ ବିଷୟରେ, ସରକାରଙ୍କ ତରଫରୁ ମିଳିଥିବା ସୁବିଧା ସୁଯୋଗ ଏବଂ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତା ଗ୍ରାମବାସୀ ଯୋଗ ଦେଇଥିବା ବେଳେ ଅତା ସତ୍ୟସାଇ ଭଜନ ମଣ୍ଡଳୀର ସମସ୍ତ ଭାଇ ଓ ଭଉଣୀମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଗ୍ରାମବାସୀ ମାନଙ୍କୁ ମାସ୍କ ଏବଂ ସଚେତନତା ପତ୍ର ବଣ୍ଟନ କରାଯାଇଥିଲା ।

## ଜରାଜୀର୍ଣ୍ଣ ଅବସ୍ଥାରେ ଯାତ୍ରୀ ବିଶ୍ରାମଗାର



ରଣପୁର,(ପି. ଏନ ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅଧିନ ଚାନ୍ଦପୁର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଥିରେ ପୁଣି ଏସିଆ ମହାଦେଶର ଦ୍ୱିତୀୟ ସର୍ବବୃହତ ଯକ୍ଷ୍ମା ଡାକ୍ତରଖାନା ଟି ଏହି ଚାନ୍ଦପୁର ବସଷ୍ଟାଣ୍ଡ କୁ ଲାଗି ରହିଛି କ୍ଷ ଆଜିର ଦିନରେ ଏହି ଚାନ୍ଦପୁର କୁ ହଜାର ହଜାର ଲୋକ ବସ ଯୋଗେ ଯିବା ଆସିବା କରିଥାନ୍ତି କ୍ଷ କିନ୍ତୁ ବସ ଯୋଗେ ଯିବା ଆସିବା କରୁଥିବା ଯାତ୍ରୀ ମାନଙ୍କ ସୁବିଧା ପାଇଁ ଯାତ୍ରୀ ବିଶ୍ରାମାଗାରଟିଏ ଆବଶ୍ୟକ ହେଉଅଛି କ୍ଷ ଯେଉଁ ଯାତ୍ରୀ ବିଶ୍ରାମଗାରଟି ଅଛି ତାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି... ଏହାର ଛାତ ରୁ ଢେଲା ଛାଡୁଥିବାରୁ କେତେବେଳେ ଏହା ଖସୁଛି କିଛି କହି ହେବ ନାହିଁ... ଛାତ ଦବି ସବୁ ଆଡୁ ପାଣି ଗଳୁଛି ଓ କାନ୍ଥ ସାରା ସିମେଣ୍ଟ ଛାଡ଼ି ପଥର ଦେଖା ଯାଉଛି... ସେଥିପାଇଁ ଯାତ୍ରୀ ମାନେ ଏହି ବିଶ୍ରାମଗାରକୁ ସୁରକ୍ଷିତ ଭାବୁ ନାହାଁନ୍ତି... ଖରା ଓ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ଯାତ୍ରୀ ମାନେ ନାହିଁ ନଥିବା ହଇରାଣ ହେଉଛନ୍ତି ଓ ଆଗାମୀ ଦିନରେ ଏହାର ମରାମତି କରାଯାଇ ବ୍ୟବହାର ଉପଯୋଗୀ କରିବା ପାଇଁ ବିଜେପି ନୟାଗଡ଼ ଜିଲ୍ଲା ସମ୍ପାଦକ ତାପସ ରଞ୍ଜନ ମାର୍ଥା ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## ରନ୍ଧନ ଗ୍ୟାସ୍‌ର ଅହେତୁକ ବୃଦ୍ଧି ବିରୁଦ୍ଧରେ ବିଜେଡିର ବିକ୍ଷୋଭ

ଯୋଡା,(ପି.ଏନ):କେନ୍ଦ୍ର ସରକାରଙ୍କ ରନ୍ଧନ ଗ୍ୟାସ୍ ଓ ନିତ୍ୟ ବ୍ୟବହୃତ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ପ୍ରତିବାଦରେ ଯୋଡା ବିଜେଡି ପକ୍ଷରୁ ଯୋଡା ବ୍ଲକ ଓ ପୌରପାଳିକାରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା । ରନ୍ଧନ ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ପୂର୍ବାହ୍ନରେ ଯୋଡା ବିଜୁ ମହିଳା, ଯୁବ ଏବଂ ଛାତ୍ର ଜନତା ଦଳ ପକ୍ଷରୁ ଯୋଡା ସହର ପରିକ୍ରମା କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିଜୁ ଜନତା ଦଳ ପକ୍ଷରୁ ଯୋଡା ମହିଳା ମହାବିଦ୍ୟାଳୟ ନିକଟରୁ ଏକ ବିରାଟ ପଟୁଆରରେ ଦଳର କର୍ମୀମାନେ ଯୋଡା ସହର ପରିକ୍ରମା କରି ଜୋରଦାର ପ୍ରଦିବାଦ କରିଥିଲେ । ଏହି ସମୟରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ ସ୍ଲୋଗାନମାନ ଦେଇ ହାତରେ ପ୍ଲାକାର୍ଡ ଧରି ସହର ପରିକ୍ରମା ପରେ ସେମାନେ ଯୋଡା ପୌରପାଳିକା ଏବଂ ଯୋଡା ପଂଚାୟତ ସମିତି କାର୍ଯ୍ୟାଳୟରେ ଦୁଇଟି ପୃଥକ ଦାବିପତ୍ର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ଏହି ବିକ୍ଷୋଭ ସମୟରେ ପ୍ରତିନିଧିମାନେ ଦର ବୃଦ୍ଧି ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଥିଲେ । କେନ୍ଦ୍ର ସରକାର ଅଚ୍ଛେ ଦିନର ସ୍ୱପ୍ନ ଦେଖାଇ ଏବେ ସାଧାରଣ ଜନତାହଙ୍କୁ ଲୁଟ୍ କରୁଛନ୍ତି ବୋଲି ବିକ୍ଷୋଭକାରୀମାନେ ଅଭିଯୋଗ କରିବା ସହ ୨୦୧୪ରେ ଆନ୍ତର୍ଜାତିକ ବଜାରରେ ପ୍ରାକୃତିକ ଗ୍ୟାସ୍ ମୂଲ୍ୟ ୬ ଆମେରେକୀୟ ଡାଲର ଥିବା ବେଳେ ଆଜି ତାହା ହ୍ରାସ ପାଇ ୫.୦୮ ଡଲାରରେ ସ୍ଥିର ରହିଛି । ୨୦୧୪ଫେବୃୟାରୀରେ ଲୋକେ ଇନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୪୧୪ ଟଙ୍କାରେ କିଣୁଥିବା ବେଳେ ବର୍ତ୍ତମାନ ଏହା ହଜାର ଟଙ୍କାରେ ପହଂଚିଛି । ଯାହା କେନ୍ଦ୍ର ସରକାରଙ୍କ ସ୍ୱେଚ୍ଛାଚାରିତାକୁ ପଦାରେ ପକାଇ ଦେଉଛି ବୋଲି କହିଥିଲେ । କେନ୍ଦ୍ର ସରକାରଙ୍କ ଦରବୃଦ୍ଧି ଓ ଜନମାରଣ ନୀତି ସମ୍ପର୍କରେ ଜିଲ୍ଲା ଉପସଭାପତି ତଥା ପୂର୍ବତନ ପୌର ଅଧକ୍ଷ ରବୀନ୍ଦ୍ର କୁମାର ଦାସ ବକ୍ତବ୍ୟ ରଖିଥିଲେ । ସାଧାରଣ ଲୋକଙ୍କ ହାଣ୍ଡିଶାଳକୁ କେନ୍ଦ୍ର ସରକାରଙ୍କ ସିଧାସଳଖ ପ୍ରହାର ବୋଲି ଅବିହିତ କରି ତୁରନ୍ତ ଦର ବୃଦ୍ଧି ପ୍ରତ୍ୟାହାର କରିନେବାକୁ ବିଜେଡି ସଂଗଠକ ସୁଶାନ୍ତ କୁମାର ବାରିକ ଦାବି କରିଛନ୍ତି । ସାଧାରଣ ଜନତାଙ୍କ ପ୍ରତି ଅନ୍ୟାୟ ସୂଚକ ବୋଲି ଦର୍ଶାଇ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରି ତୁରନ୍ତ ଗ୍ୟାସ୍ ଦରକୁ କମାଇବାକୁ ଦାବି କରିବା ସହ ମୋଦି ସରକାଙ୍କୁ ତୀବ୍ର ସମାଲୋଚନା କରାଯାଇଛି । ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଏହି ବିକ୍ଷୋଭରେ ଭାଗ ନେଇଥିବା ବେଳେ ଏଥିରେ ଯୋଡା ବ୍ଲକ ଯୁବ ସବାପତି ସିବ ଆପଟ୍ଟ, ଜିଲ୍ଲା ଯୁବ ଉପସଭାପତି ସିବ ପଲେଇ, ବୀର ନାଏକ ସୁନିଲ ସାମଲ, କାବୁ ଜେନା, ପୂର୍ବତନ ମହିଳା ପୌରପାଳିକା ସଦସ୍ୟ ସସମ୍ମିତା ମହାନ୍ତି, ରାଜକୁମାରୀ ଥାପା, ମହିଳା ନେତ୍ରୀ ଝୁନି କୌର, କଳ୍ପନା ପଣ୍ଡାଙ୍କ ସମେତ ଅନ୍ୟମାନେ ଏହି ବିକ୍ଷୋଭରେ ନେତୃତ୍ୱ ନେଇଥିବା ଦେଖିବାକୁ ମିଳିଛି ।

## ସାମସଙ୍ଗର ନୂଆ "ବ୍ୟାକ ଟୁ ବିଜ୍‌ନେସ୍ ସଲ୍ୟୁସନ"

ଭୁବନେଶ୍ୱର: ସାମସଙ୍ଗ ପକ୍ଷରୁ ରିଟେଲ ଓ କମର୍ସିଆଲ ସଂସ୍ଥାଗୁଡ଼ିକ ପାଇଁ "ବ୍ୟାକ୍ ଟୁ ବିଜନେସ" ସଲ୍ୟୁସନର ଶୁଭାରମ୍ଭ କରାଯାଇଛି । ଏହି ନୂତନ ସମାଧାନରେ ଆଉଟଡୋର ଡିସପ୍ଲେ ଓ ଭିଡିଓ କନଫରେନ୍ସିଙ୍ଗ ସମାଧାନ ଅନ୍ତର୍ଭୁକ୍ତ, ଯାହା ସାହାଯ୍ୟରେ ବ୍ୟବସାୟୀମାନେ ନିଜର ସ୍ୱାଭାବିକ କାର୍ଯ୍ୟକୁ ପୁଣିଥରେ ସୁରକ୍ଷିତ ଭାବରେ ଆରମ୍ଭ କରିପାରିବେ । ଏହା ସହିତ ସୁରକ୍ଷାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ସହିତ କାର୍ଯ୍ୟ ସ୍ଥଳରେ ଦୂରରେ ବସି କାର୍ଯ୍ୟ କରିବା ଆବଶ୍ୟକତାକୁ ପୂରଣ କରାଯାଇପାରିବ । ଏହି ନୂତନ ରେଂଜର ଆଉଟଡୋର ଡିସପ୍ଲେ ଓ ସାଇନେଜ ବୋର୍ଡକୁ ବ୍ୟବସାୟୀଙ୍କ ଦ୍ୱାରା ବ୍ୟବହାର କରାଯାଇପାରିବ । ଏହା ସହାୟତାରେ ଜନଗହଳି ଅନୁଧ୍ୟାନ, ଶରୀର ତାପମାତ୍ରା ଯାଂଚ ଓ ମାସ୍କ ଚିହ୍ନଟ ତଥା ସେହି ଦିନର ଅଫରକୁ ଓ କର୍ପୋରେଟ ମେସେଜକୁ ଉପସ୍ଥାପିତ କରାଯାଇପାରିବ । ଏହା ସାମାଜିକ ଦୂରତାର ସମସ୍ତ ନିୟମଗୁଡ଼ିକୁ ପାଳନ କରାଯାଉଛି ନା ନାହିଁ ତାହା ସୁନିଶ୍ଚିତ କରିଥାଏ । ବାଧାହୀନ ଅନ୍‌ଲାଇନ ବାର୍ତ୍ତାଳାପ ଓ ଯେକୌଣସି ସ୍ଥାନରୁ ଦକ୍ଷତା ଓ ସହଜରେ କାର୍ଯ୍ୟ କରିବାକୁ ସୁନିଶ୍ଚିତ କରିବା ଲାଗି ମିଟିଙ୍ଗ ରୁମ ଏବଂ ଭିଡିଓ କନଫରେନ୍ସିଙ୍ଗ ସମାଧାନ ଯୋଗାଇଦେବା ପାଇଁ ସାମସଙ୍ଗ, ସିସ୍କୋ



ୱେବେକ୍ସ ଓ ଲଜିଟେକ୍ ସହିତ ହାତ ମିଳାଇଛି । ଏହା ସାହାଯ୍ୟରେ ଦୂରରେ ବସି କାମ କରିବାର ଆବଶ୍ୟକତାକୁ ଦେଖି ସାମସଙ୍ଗର ବେଜୋଡ଼ ଭିଜୁଆଲ ଡିସପ୍ଲେ ଏବଂ ଉନ୍ନତ ଭିଡିଓ କନଫରେନ୍ସିଙ୍ଗ କୁ ଏକତ୍ର ଅଣାଯାଇଛି । ଏହି ସହବନ୍ଧିତା ସିସ୍କୋ ୱେବେକ୍ସ ଏବଂ ଲଜିଟେକ୍ ଦ୍ୱାରା ପ୍ରସ୍ତୁତ ଭିଡିଓ କନଫରେନ୍ସିଙ୍ଗ ସମାଧାନଗୁଡ଼ିକର ବିସ୍ତୃତ ରେଂଜ ସହିତ ଡିଜିଟାଲ ସାଇନ୍‌ଏଜ୍ ଏବଂ ଡେସ୍କଟପ୍ ମନିଟର ସମେତ ଶିଳ୍ପର ସବୁଠାରୁ ବ୍ୟାପକ ଡିସପ୍ଲେ ଶୃଙ୍ଖଳକୁ ଏକତ୍ର ନେଇଆସିଛି । ସାମସଙ୍ଗର ୨୦୨୦ ଡିସପ୍ଲେ ଶୃଙ୍ଖଳର ସମ୍ପୂର୍ଣ୍ଣ ରେଞ୍ଜରେ ଏହି ସମାଧାନଗୁଡ଼କ ବ୍ୟବହାର କରାଯାଇପାରିବ । "ବର୍ତ୍ତମାନ ସମୟରେ ପରିବର୍ତ୍ତିତ ବ୍ୟବସାୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମର ନୂତନ ସମାଧାନକୁ ଏଭଳି ଭାବରେ ଡିଜାଇନ କରାଯାଇଛି ଯାହା ଉତ୍ପାଦକତା ବୃଦ୍ଧି କରିବ, ସହଯୋଗ ବୃଦ୍ଧି କରିବା ସହିତ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ସେମାନଙ୍କ ଗ୍ରାହକଙ୍କ ସହିତ ଉପଯୁକ୍ତ ସତର୍କତା ସହିତ ସଂଯୁକ୍ତ ହୋଇପାରିବୋ" ବୋଲି ସାମସଙ୍ଗ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଏଂଟରପ୍ରାଇଜ ବିଜନେସର ଉପାଧ୍ୟକ୍ଷ ଶ୍ରୀ ପୁନିତ ସେଠ କହିଛନ୍ତି ।




# ଦାବି ପୂରଣ ନହେଲେ ଗଣଧାରଣା




କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ସଙ୍ଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଏକ ୧୫ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିଲେବି ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ସଙ୍ଘର ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ସ୍ଥାନୀୟ ପବ୍ଲିକ ରିଡିଂ ରୁମ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ପ୍ରଶାସନ ପକ୍ଷରୁ ସଙ୍ଘର ଦାବି ଗୁଡିକ ପୁରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାନଗଲେ ଆସନ୍ତା ୨୪ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଘ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି ସଙ୍ଘର ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସଙ୍ଘର ଦାବି ଗୁଡିକ ମଧ୍ୟରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଅଧିକାରୀଙ୍କ ମନମୁଖି ଏବଂ ବେଆଇନ କାର୍ଯ୍ୟକଳାପ ଯୋଗୁଁ କେନ୍ଦ୍ରାପଡା ଜିଲ୍ଲାର ନିର୍ମାଣ ଶ୍ରମିକମାନେ ବହୁ ଅସୁବିଧାର ସମ୍ମୁଖିନ ହୋଇ ନିଷ୍ପେସିତ ହେଉଛନ୍ତି। ଏଭଳି କାର୍ଯ୍ୟକୁ ବନ୍ଦ କରାଯିବା ସହ ବନ୍ଦ ଥିବା ମହିଳା ନିର୍ମାଣ ଶ୍ରମିକଙ୍କୁ ପଞ୍ଜିକରଣ କରାଯିବା, ବିନା କାରଣରେ ବେଆଇନ ଭାବେ କାଢି ଦିଆଯାଇଥିବା ପଞ୍ଜିକରଣ ଆବେଦନପତ୍ରକୁ ଗ୍ରହଣ କରାଯାଇ ତୁରନ୍ତ ପରିଚୟପତ୍ର ପ୍ରଦାନ କରାଯିବା, ୧୫ଶହ ଟଙ୍କା କୋଭିଡ ସହାୟତା ପାଇନଥିବା ନିର୍ମାଣ ଶ୍ରମିକଙ୍କୁ ତୁରନ୍ତ ପ୍ରଦାନ କରାଯିବା, ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ଝିଅ ବିବାହ ସହାୟତା ପାଇଁ ପଡିରହିଥିବା ଆବେଦନପତ୍ର ଗୁଡିକୁ ତୁରନ୍ତ ମଞ୍ଜୁର କରାଯାଇ ସହାୟତା ପ୍ରଦାନ କରାଯିବା, ନିରପେକ୍ଷ ଭାବରେ ସମସ୍ତ ଆବେଦନକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ୬୦ଦିନ ମଧ୍ୟରେ ପ୍ରଦାନ କରାଯିବା, ୪ବର୍ଷ ଧରି ପଡି ରହିଥିବା ମଞ୍ଜୁରୀପ୍ରାପ୍ତ ଅନୁଦାନ ତୁରନ୍ତ ପ୍ରଦାନ କରାଯିବା, ସାଇକେଲ ଓ ଯନ୍ତ୍ରପାତି ନିମନ୍ତେ ୩ବର୍ଷ ଧରି ପଡି ରହିଥିବା ଆବେଦନପତ୍ରକୁ ତୁରନ୍ତ ମଞ୍ଜୁର କରାଯିବା, ମୃତ୍ୟୁକାଳୀନ ସହାୟତା ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ଝିଅ ବିବାହ ସହାୟତା ଏକଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ପ୍ରତ୍ୟେକ ସରକାରୀ ପ୍ରକଳ୍ପର ଉଦଘାଟନ ଫଳକରେ ମୁଖ୍ୟ ନିର୍ମାଣ ଶ୍ରମିକର ନାମ ଲେଖାଯିବା,ନିର୍ମାଣ ଶ୍ରମିକଙ୍କୁ ବାସଗୃହ ଯୋଜନା ଏବଂ ସ୍ୱାସ୍ଥ୍ୟସେବା ଯୋଜନାରେ ସହାୟତା ପ୍ରଦାନ, ଲକଡାଉନ ସମୟରେ ପ୍ରଦାନ କରାଯାଇଥିବା ୨ହଜାରରୁ ଉର୍ଦ୍ଧ୍ୱ ଅଣସଂଗଠିତ ଶ୍ରମିକ ପରିଚୟପତ୍ର ପ୍ରଦାନର ନିରପେକ୍ଷ ତଦନ୍ତ କରାଯିବା, ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକ ସଂଗଠନ, ଶ୍ରମିକମାନଙ୍କୁ ଆଶ୍ରୟ, ମହିଳା ଶ୍ରମିକମାନଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ଏବଂ ପାନୀୟ ଜଳ ବ୍ୟବସ୍ଥା କରାଯିବା ପ୍ରଭୃତି ଦାବି ରହିଛି। ଏସବୁ ଦାବି ଗୁଡିକ ପୁରଣ ନହେଲେ ଆସନ୍ତା ୨୪ତାରିଖରେ ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସଙ୍ଘର ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ସଙ୍ଘ ପକ୍ଷରୁ ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀଙ୍କ ସମେତ ସଙ୍ଘର ସଭାପତି କାମିନି ମିଶ୍ର,କାର୍ଯ୍ୟକାରୀ ସଭାପତି ସେକ ରିଆଜୁଦ୍ଦିନ, ଉପସଭାପତି ବାହାଲି ଟୁଡୁ, କାର୍ତ୍ତିକ ବେହେରା, ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ ସାମଲ, ସୁବାଷ ସାମଲ, ବିଷ୍ଣୁ ଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲେଶ୍ୱରରେ ଉଦ୍‌ଘାଟିତ ହେଲା ପିଏସଏ ଅକ୍ସିଜେନ୍ ପ୍ଲାଂଟ୍



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ପିଏସଏ(ପ୍ରେସର ସ୍ୱିଙ୍ଗ ଏଡଜର୍ପସନ) ଅକ୍ସିଜେନ୍ ପ୍ଲାଂଟ୍ ଉଦଘାଟିତ ହୋଇଯାଇଛି । ମାନ୍ୟବର ବାଲେଶ୍ୱର ଲୋକସଭା ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏହି ନବନିର୍ମିତ ଅକ୍ସିଜେନ୍ ପ୍ଲାଂଟ୍‌ର ଶୁଭ ଉଦଘାଟନ କରିଥିଲେ । ପିଏମ କେୟାର୍ସ ଫଣ୍ଡରୁ ମିଳିଥିବା ଅନୁଦାନରେ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲରେ ନିର୍ମିତ ଏହି ୧ହଜାର ଏଲପିଏମ କ୍ଷମତା ବିଶିଷ୍ଟ ଅକ୍ସିଜେନ୍ ପ୍ଲାଂଟ ବାଲେଶ୍ୱର ଜିଲ୍ଲା ସମେତ ପଡୋଶୀ ଜିଲ୍ଲା ଏବଂ ରାଜ୍ୟର ରୋଗୀଙ୍କ ଅକ୍ସିଜେନ୍ ଆବଶ୍ୟକତାକୁ ପୂରଣ କରିପାରିବ ବୋଲି ମାନ୍ୟବର ସାଂସଦ ଶ୍ରୀ ଷଡଙ୍ଗୀ ଆଶାବ୍ୟକ୍ତ କରିଥିଲେ । କୋଭିଡ୍ ମହାମାରୀ ସମୟରେ ଅକ୍ସିଜେନ୍ ଅଭାବ ଯୋଗୁଁ ପ୍ରାଣହାନୀ ହୋଇଥିବା ବେଳେ ଏବେ ବିଭିନ୍ନ ସ୍ଥାନରେ ସ୍ଥାପିତ ହେଉଥିବା ଅକ୍ସିଜେନ୍ ପ୍ଲାଂଟ୍ ଏହି ଅଭାବକୁ ପୂରଣ କରିବାରେ ସହାୟକ ହେବ ବୋଲି ସେ କହିଥିଲେ । ମାନନୀୟା ଭଦ୍ରକ ଲୋକସଭା ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟର ସବୁ ଜିଲ୍ଲାରେ ଅକ୍ସିଜେନ୍ ପ୍ଲାଂଟ ସ୍ଥାପନ ପାଇଁ ସରକାର ପଦକ୍ଷେପ ନେଇଥିବା କହିଥିଲେ । କୋଭିଡ୍ ମହାମାରୀ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟ ରାଜ୍ୟକୁ ଅକ୍ସିଜେନ୍ ଯୋଗାଇ ଓଡିଶା ଉଦାହରଣ ସୃଷ୍ଟି କରିପାରିଥିବା ସେ ପ୍ରକାଶ କରିଥିଲେ । ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ ରାଜ୍ୟ ସରକାରଙ୍କ ନିରନ୍ତର ଉଦ୍ୟମ ଯୋଗୁଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲାର ଅନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଭିତିଭୂମିରେ ଯଥେଷ୍ଟ ଉନ୍ନତି ଆସିପାରିଥିବା ମତବ୍ୟକ୍ତ କରିଥିଲେ । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ଏହି ଅକ୍ସିଜେନ୍ ପ୍ଲାଂଟ୍ ଜିଲ୍ଲାର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବ ବୋଲି କହିବା ସହିତ ଏହାର ନିୟମିତ ରକ୍ଷାଣବେକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ପ୍ଲାଂଟ୍‌ର କୋଠା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣଙ୍କ ଦ୍ୱାରା ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ବେଳେ ଯନ୍ତ୍ରାଂଶ ଓ ଆନୁଷଙ୍ଗିକ ଉପକରଣ ପାଇଁ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥାନ(ଡିଆରଡିଓ) ପକ୍ଷରୁ ୭୫ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ଉଭୟ ଏନ.ଏଚ.ଏ.ଆଇ. ଏବଂ ଡି.ଆର.ଡି.ଓ.ଙ୍କୁ ଏଥିପାଇଁ ଅତିଥିମାନେ ଧନ୍ୟବାଦ ଜଣାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଡିନ୍ ଏବଂ ଅଧ୍ୟକ୍ଷ ପ୍ରଫେସର ଡା. ରାମଚନ୍ଦ୍ର ଗିରି, ଅଧୀକ୍ଷକ ପ୍ରଫେସର ଡା.ସୁଜାତା ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳ ସେନ୍ ଜଗଦ୍ଦେବଙ୍କ ସମେତ ଅନ୍ୟାନ୍ୟ ଜନ ପ୍ରତିନିଧି, ବିଭାଗୀୟ ମୁଖ୍ୟ, ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନଧି ଉପସ୍ଥିତ ଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ଡିପିଏମ ଶ୍ରୀ ଅନୀଲ ମହାନ୍ତିଙ୍କ ତତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା

## ବଡ଼ଚଣା ଥାନାରେ ଯୋଗଦେଲେ ନୂତନ ଥାନାଧିକାରୀ

ଚଣ୍ଡିଖୋଲ (ପିଏନ )- ଜିଲ୍ଲା ଆରକ୍ଷୀଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବଡ଼ଚଣା ଥାନାଧିକାରୀ ପ୍ରିୟବ୍ରତ ରାଉତଙ୍କ ବଦଳି ପରେ ଗତ ଶୁକ୍ରବାର ବଡ଼ଚଣା ଥାନାରେ ନୂତନ ଥାନାଧିକାରୀଭାବେ ସୁଶୀଲ କୁମାର ନାୟକ ଯୋଗଦାନ କରିଛନ୍ତି. ପୂର୍ବରୁ ସେ ପାଣିକୋଇଲି ଥାନାରେ ଥାନାଧିକାରୀ ଭାବେ ରହିଥିଲେ. ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଏହି ବଦଳି ହେଇଛି ବୋଲି ଜଣାଯାଇଛି .ଜାତୀୟ ରାଜପଥକଡ଼ରେ ଏହିଥାନା ଥିବାରୁ ଏହି ଥାନାର ଏହାର ଗୁରୁତ୍ୱ ଥିବାରୁ ସେ ବିଷୟରେ ଧ୍ୟାନଦେବେ ବୋଲି ଶ୍ରୀ ନାୟକ କହିଛନ୍ତି.ପଂଚାୟତ ନିର୍ବାଚନକୁ ସଠିକ ଢଙ୍ଗରେ ପରିଚାଳନା କରିବାକୁ ସାରା ବଡ଼ଚଣାବାସୀ .ଶ୍ରୀ ନାୟକଙ୍କ ଠାରୁ ଆଶା ରଖିଛନ୍ତି।

## ତିନି କଳା କୃଷି ଆଇନ ପ୍ରତ୍ୟାହାର ଘୋଷଣାକୁ ଚାଷୀ ସୁରକ୍ଷା ଅଭିଯାନର ସ୍ୱାଗତ

**ବ୍ରହ୍ମପୁର (ପିଏନ୍) :** କେନ୍ଦ୍ରର ବିଜେପି ସରକାର ଏକ ତରଫା ଭାବେ ଗତ ୨୦୨୦ ନଭେମ୍ବର ୨୬ ତାରିଖରେ ଲୋକସଭା ଓ ରାଜ୍ୟସଭାରେ ୩ କୃଷକ ବିରୋଧୀ କଳା ଆଇନକୁ ପାରିତ କରିଥିଲେ। ଏହାର ପ୍ରତିବାଦ କରି ଏକ ବର୍ଷ ବ୍ୟାପି ଭାରତ ବର୍ଷର ହଜାର ହଜାର ଚାଷୀ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଥିଲେ । ଏହି ଆନ୍ଦୋଳନରେ ସାମିଲ ହୋଇ ବର୍ଷକ ମଧ୍ୟରେ ୭ ଶହରୁ ଉର୍ଦ୍ଧ୍ୱ ଚାଷୀ ମୃତ୍ୟୁବରଣ କରିଛନ୍ତି। ଏହାସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିଜର ଅହଂଭାବ ଏବଂ ଏକପାକ୍ଷିଆ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯିବ ନାହିଁ ବୋଲି ଦୃଢ଼ ଘୋଷଣା କରିଥିଲେ । କିନ୍ତୁ ଆଜି ଦେଶର ଅନ୍ନଦାତାଙ୍କ ସତ୍ୟାଗ୍ରହ ଆଗରେ ଅହଂକାର ମୁଣ୍ଡ ନୁଆଁଇଲା ବୋଲି ଚାଷୀ ସୁରକ୍ଷା ଅଭିଯାନ ପକ୍ଷରୁ କୁହାଯିବା ସହ ଏହାକୁ ସ୍ୱାଗତ କରାଯାଇଛି। ଫଳରେ ଚାଷୀମାନଙ୍କ ବିଜୟ ଘଟିଛି ।

ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥଙ୍କ ଅଧ୍ୟକ୍ଷତାରେ ନବୀନ ଭବନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ଚାଷୀମାନଙ୍କ ବିଜୟକୁ ସ୍ୱାଗତ କରାଯିବା ସହ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନର ବିଜୟ ଘଟିଛି ବୋଲି ଆବାହକ ଶ୍ରୀ ରଥ ପ୍ରକାଶ କରିବା ସହ ଆଗାମୀ ଲୋକସଭା ଅଧିବେଶନରେ ଏହାକୁ ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ସୀମାଞ୍ଚଳ ନାହାକ, ସୁବାସ ଚନ୍ଦ୍ର ରାଉତ, ବୃନ୍ଦାବନ ବେହେରା, ପଦ୍ମଚରଣ ସାହୁ, ଧର୍ମ ପଡ଼ିହାରୀ, ବିଜୟ କୁମାର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୋପାଳ କୃଷ୍ଣ ବିଷୋୟୀ, ଏମ୍.କ୍ରୀଷ୍ଣା ରେଡ଼ି, ରଘୁନାଥ ସାହୁ, ବଳରାମ ଜାନୀ, ମିହିର କୁମାର ରାଉତ, ଉଦୟ ନାଥ ପ୍ରଧାନ, ଗୋବିନ୍ଦ ପ୍ରଧାନ, ରମେଶ ପଲେଇ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ଚାଷୀଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ଘଟଣା ସତ୍ୟତା ନୁହେଁ, ବରଂ ନିର୍ବାଚନ ହାରିବା ଭୟରେ ଏହି କଳା ଆଇନକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

# ପିଲା ଚଳାଇଲେ ଗୋଷ୍ଠୀ ବେତାରକେନ୍ଦ୍ର

କୋଣାର୍କ (ପିଏନ୍): ସୂଚନା ଯୋଗ୍ୟ ରାଜ୍ୟର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ଭାବେ ୨୦୧୦ ମସିହା ଫେବୃୟାରୀ ୧୨ ତାରିଖରେ ରେଡିଓ ନମସ୍କାର ସ୍ଥାପନ ହେବା ପରଠାରୁ ନିରନ୍ତର ଭାବେ ଜନହିତକର ଓ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ପ୍ରସାରଣ କରି ଆସୁଛି। ବିଭିନ୍ନ କ୍ଷେତ୍ରରେ ପ୍ରଭାବଶାଳୀ ଓ ଅଭିନବ ପ୍ରସାରଣ ନିମନ୍ତେ ରେଡିଓ ନମସ୍କାର କେନ୍ଦ୍ରସରକାର ଓ ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ବାରମ୍ବାର ପ୍ରଂଶସିତ ଓ ସମ୍ମାନୀତ ହୋଇଛି। ରେଡିଓ ନମସ୍କାର ଚଳିତ ବର୍ଷ ଏକ ଭିନ୍ନଧରଣରେ ୟୁନିସେଫ୍,ଓଡିଶା ଏବଂ କମ୍ୟୁନିଟୀ ରେଡିଓ ଆସୋସିଏସନ୍ ଓଡିଶାର ମିଳିତ ସହଯୋଗରେ ୨ଦିନ ଧରି ପାଳନ କରିଛି ବିଶ୍ୱ ଶିଶୁଦିବସ। ଏହି ଦୁଇଦିନର କାର୍ଯ୍ୟକ୍ରମରେ ଅତିଥିଭାବେ ପୁରି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତ୍‌ପଥୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟୀର ସଦସ୍ୟ ଶକ୍ତିପଦ ମିଶ୍ର , କାକଟପୁର ବ୍ଲକର ବି.ଡି.ଓ ଡ. ତୁଷାରଜ୍ୟୋତି ରଂଜନ,ଶିକ୍ଷାବିତ୍ ରବିନ୍ଦ୍ର ନାଥ ବାହିନୀପତି,ପ୍ରତାପ କୁମାର ରାଉତ, ଗୋବିନ୍ଦ ଚନ୍ଦ୍ର ଫାରକ୍, ରେଡିଓ ନମସ୍କାରର ଅଧକ୍ଷ ଏନ୍.ଏ.ଶାହଃ ଅନ୍‌ସାରୀ, ପ୍ରମୁଖ ଯୋଗଦେଇ କରୋନା ମହାମାରୀ ସମୟରେ ଶିଶୁମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ,ଶିକ୍ଷା, ଅଧିକାର ଏବଂ ଦକ୍ଷତା ବୃଦ୍ଧି ସହିତ,ପୁଅ ଓ ଝିଅ ଭିତରେ ଥିବା ଭେଦଭାବ ଇତ୍ୟାଦି ସଂପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ର ଚିନ୍ମୟ ସାହୁ,ବିବେକାନନ୍ଦ ଶିକ୍ଷାଶ୍ରମର ଛାତ୍ର/ଛାତ୍ରୀ ଆଶୁତୋଷ ଶତପଥୀ, ଶୁଭଲକ୍ଷ୍ମୀ ସ୍ୱାଇଁ.ଆଶ୍ରମ ସ୍କୁଲର ଛାତ୍ର ପ୍ରତ୍ୟୁଷ ରାଉତ,ସରକାରୀ ଉଚ୍ଚ ବିଦ୍ୟାଳୟ କୋଣାର୍କର ଛାତ୍ର ମାସାଲ୍ ହେମ୍ବ୍ରମ୍,ଶଶି ଶଙ୍କର ହାସ୍ଦା, କୁରୁଜଙ୍ଗ ୟୁପି ବିଦ୍ୟାଳୟର ଛାତ୍ର/ଛାତ୍ରୀ ବର୍ଷାରାଣୀ ସେଠୀ, ଚନ୍ଦନ ସେଠୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବନ ବିଭାଗର ଅବହେଳା ଯୋଗୁଁ ଦନ୍ତା ନେଲା ଜଣଙ୍କର ଜୀବନ

ଘଟଗାଁ (ପିଏନ୍):ବର୍ତମାନ କେନ୍ଦୁଝର ଜିଲ୍ଲାରେ ହାତୀ ଆତଙ୍କ ଅନେକ ସ୍ଥାନରେ ଦେଖିବାକୁ ମିଳୁଥିବା ବେଳେ ବନ ବିଭାଗର ଅବହେଳା ଯୋଗୁଁ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ଧୁବୁଲା ବେଡା ଗାଁ ଜଙ୍ଗଲରେ ଜଣଙ୍କର ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଜଣଙ୍କ ହେଲେ ହାତୀନୋଟା ଗାଁର ଜଳଧର ମହାରଣା । ସେ ଛୋଟରାୟପୁର ଗାଁକୁ କୌଣସି କାମରେ ଧୁବୁଲାବେଡାରୁ ଛୋଟରାୟପୁର ମଧ୍ୟରେ ଥିବା ଜଙ୍ଗଲ ରାସ୍ତାରେ ଏକ ସାଇକେଲ୍ ସାହାଯ୍ୟରେ ଯାଉଥିଲେ । ଜଙ୍ଗଲ ମଝିରେ ସେ ଦନ୍ତା ହାତି ହାବୁଡରେ ପଡିଥିଲେ । ସେଠାରେ ତାଙ୍କୁ ଦନ୍ତା ଆକ୍ରମଣ କରି ଜୀବନରୁ ମାରି ଦେଇଥିଲା । ତେବେ ଉକ୍ତ ଅଂଚଳରେ ବିଗତ କିଛି ଦିନ ହେବ ହାତି ଥିବା ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ ମଧ ବନ ବିଭାଗ ପକ୍ଷରୁ କୌଣସି ତତ୍‌ପରତା କିମ୍ବା ସ୍ଥାନୀୟ ଲୋକଙ୍କୁ କୌଣସି ସତର୍କ କରିନଥିବାରୁ ଆଜି ଜଣଙ୍କର ଜୀବନ ଯାଇଛି । ଯାହାକୁ ନେଇ ଘଟଣା ସ୍ଥଳରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉତେଜନା ଦେଖିବାକୁ ମିଳିଥିଲା । ଏ ନେଇ ଆମେ ଘଟଗାଁ ରେଂଜରଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବାରୁ ସେ ଏ ଅଂଚଳରେ ହାତୀ ନଥିଲେ, ହଠାତ୍ ଆଜି ଚାଲିଆସିଥିବେ ବୋଲି କହି ନିଜ ଉପରୁ ଦୋଷ ଛଡାଇବାକୁ ଚେଷ୍ଟା କରିଥିଲେ । ସମ୍ପୁର୍ଣ୍ଣ ଖବର ଅନୁସାରେ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ହାତିନୋଟା ଗାଁର ଜଳଧର ମହାରଣା । ଜଳଧର ଜଣେ ଦିନ ମଜୁରିଆ, ପ୍ରତ୍ୟେକ ଦିନ ଖଟିଲେ ଖାନ୍ତି ନହେଲେ ନାହିଁ । ତେବେ ପ୍ରତ୍ୟେକ ଦିନ ଭଳି ସେ ସକାଳୁ ସକାଳୁ କାମ ଖୋଜିବାକୁ ଘରୁ ବାହାରି ଛୋଟରାୟପୁର ଗାଁକୁ ଏକ ଜଙ୍ଗଲବାଟ ଦେଇ ଯାଉଥିଲେ । ତେବେ ଜଙ୍ଗଲ ମଝିରେ ସେ ଏକ ଦନ୍ତା ହାତି ସହିତ ମୁହାଁ ମୁହିଁ ହୋଇଯାଇଥିଲେ । ସେଠାରେ ତାଙ୍କୁ ଦନ୍ତା ହାତି ଦଳିଚକଟି ଦେଇଥିଲା । ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ସ୍ଥାନୀୟ ଲୋକେ କିଛି ଘଂଟା ପରେ ଦେଖି ବନ ବିଭାଗ ଏବଂ ପୋଲିସ୍‌କୁ ଖବର ଦେଇଥିଲେ । ବନ ବିଭାଗ ଓ ପୋଲିସ୍ ଘଟଣାସ୍ଥଳରେ ପହଂଚିଥିଲେ । କିନ୍ତୁ ବନ ବିଭାଗର ଅବହେଳା ଯୋଗୁଁ ଜଳଧର ମହାରଣାଙ୍କର ଜୀବନ ଯାଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିବା ସହିତ ଘଟଣା ସ୍ଥଳରେ ଉତେଜନା ମଧ ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ଜଳଧର ପରିବାରରେ ସେ ଥିଲେ ଏକ ମାତ୍ର ରୋଜଗାରୀ ବ୍ୟକ୍ତି, ତେଣୁ ତାଙ୍କ ଦେହାନ୍ତ ପରିବାରକୁ ସମ୍ପୁର୍ଣ୍ଣ ଭାଙ୍ଗି ଦେଇଛି । ତେଣୁ ସହାୟତା ଦାବିରେ କିଛି ଘଂଟା ଶବ ଉଠାଇବାକୁ ଦେଇନଥିଲେ ସ୍ଥାନୀୟ ଲୋକେ । ପରେ ଘଟଣାସ୍ଥଳରେ ଘଟଗାଁ ରେଂଜର ପ୍ରଭାତ କୁଅଁର ଘଟଣା ସ୍ଥଳରେ ପହଂଚିଥିଲେ । ସେ ୪ ଲକ୍ଷ ଟଙ୍କା ସହାୟତା ମିଳିବାର ପ୍ରତିଶ୍ରୁତି ଦେବା ସହିତ ସଙ୍ଗେ ସଙ୍ଗେ ୨୪ ଘଂଟା ମଧ୍ୟରେ ତାଙ୍କୁ ୪୦ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେବା ପରେ ଉତେଜନା ଶାନ୍ତ ପଡିଥିଲା । ତାପରେ ଶବଟିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ସ୍ଥାନୀୟ ଲୋକେ ତେବେ ବିଗତ କିଛି ଦିନ ହେବ ଉକ୍ତ ଅଂଚଳରେ ହାତି ବୁଲୁଥିବା ବନ ବିଭାଗକୁ ଖବର ଦେଇଥିବା ବେଳେ ବନ ବିଭାଗ ଏ ଦିଗରେ କୌଣସି ତତ୍‌ପରତା ନଦେଖାଇବା ସହିତ ସ୍ଥାନୀୟ ଲୋକଙ୍କୁ କୌଣସି ସତର୍କବାଣି ମଧ ଦେଇନଥିଲେ । ଫଳରେ ଜଣଙ୍କର ଜୀବନ ଚାଲିଗଲା । ଅନ୍ୟପକ୍ଷରେ ହାତି ଗୁଡିକର ଗତିପଥକୁ ତଦାରଖ କରିବା ପାଇଁ ବନ ବିଭାଗ ଦ୍ୱାରା ସ୍ୱତନ୍ତ୍ର ଗାର୍ଡ ନିଯୁକ୍ତି ହୋଇଥିବା ବେଳେ ବିଗତ କିଛି ଦିନ ହେବ ଉକ୍ତ ଅଂଚଳରେ ହାତି ବୁଲୁଥିବାର ଖବର ତାଙ୍କ ପାଖରେ ନଥିଲା କେମିତି ? ଯାହା ବନ ବିଭାଗର ଅବହେଳାକୁ ସ୍ପଷ୍ଟ କରୁଛି । ତେବେ ଘଟଣା ସମ୍ପର୍କରେ ଫରେଷ୍ଟର ଶ୍ରୀମନ୍ତ ବେହେରା ମହାଶୟଙ୍କୁ ପଚାରିରୁ ସେ ମୁଁ କିଛି କହିପାରିବିନି ରେଂଜର୍ ସାର କହିବେ ବୋଲି କହି ମୁହଁ ଏଡାଇ ଦେଇଥିବା ବେଳେ, ଏ ଅଂଚଳରେ ହାତୀ ନଥିଲେ, ହଠାତ୍ ଚାଲିଆସିଥିବ ବୋଲି କହି ନିଜ ଉପରୁ ଦୋଷ ଛଡାଇବାକୁ ଚେଷ୍ଟା କରିଛନ୍ତି ରେଞ୍ଜର ମହାଶୟ। ତେବେ ବନ ବିଭାଗର ଅବହେଳା ଯୋଗୁଁ ଜଣଙ୍କର ଜୀବନ ଯାଇଥିବା ବେଳେ ଏ ଘଟଣାକୁ ଉଚ୍ଚପଦସ୍ଥ ଅଧିକାରୀମାନେ ତଦନ୍ତ କରି ଅବହେଳିତ ଅଫିସର ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି ।

# ମୁକ୍ତା ଯୋଜନାରେ କେନ୍ଦ୍ରାପଡା ପୌରାଞ୍ଚଳ ପାଇଁ ୨କୋଟି ୬୩ଲକ୍ଷ ମଞ୍ଜୁର




କେନ୍ଦ୍ରାପଡ଼ା (ପିଏନ୍) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁକ୍ତା ଯୋଜନାରେ କେନ୍ଦ୍ରାପଡା ପୌରାଞ୍ଚଳର ୪୭ଟି ପ୍ରକଳ୍ପ ପାଇଁ ୨କୋଟି ୬୩ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦନ କରିଥିବାରୁ କେନ୍ଦ୍ରାପଡା ବିଜୁ ଜନତା ଦଳ ଏବଂ ପୌରପାଳିକାର ଅଧିବାସୀମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା। ଅନୁମୋଦନ ହୋଇଥିବା ଏହି ପ୍ରକଳ୍ପ ଗୁଡିକ ମଧ୍ୟରେ କେନ୍ଦ୍ରାପଡା ପୌରାଞ୍ଚଳର ୧ନମ୍ବର ୱାର୍ଡରେ ୫ଲକ୍ଷ ଟଙ୍କାରେ ଗୋଟିଏ ଶିଶୁ କ୍ରୀଡା ଉଦ୍ୟାନ, ୩ନମ୍ବର ୱାର୍ଡରେ ୨ଟି ପାକ, ୨ଟି ଶିଶୁ କ୍ରୀଡା ଉଦ୍ୟାନ, ୨ଟି ୱାକିଂ ଟ୍ରାକ ଓ ଗୋଟିଏ ରାସ୍ତାକଡ ଶୌଚାଳୟ ନିର୍ମାଣ ପାଇଁ ୧୪.୦୫ଲକ୍ଷ, ୪ନମ୍ବର ୱାର୍ଡରେ ଗୋଟିଏ ଶିଶୁ କ୍ରୀଡା ଉଦ୍ୟାନ ପାଇଁ ୫ଲକ୍ଷ, ୫ନମ୍ବର ୱାର୍ଡରେ ଗୋଟିଏ ଶିଶୁ କ୍ରୀଡା ଉଦ୍ୟାନ, ଗୋଡିଏ ଖେଳ ପଡିଆ, ରାସ୍ତାକଡ ଶୌଚାଳୟ ୨ଟି ପାଇଁ ୧୫ଲକ୍ଷ, ୬ନମ୍ବର ୱାର୍ଡରେ ଗୋଟିଏ ପାର୍କ, ଗୋଟିଏ ଶିଶୁ କ୍ରୀଡା ଉଦ୍ୟାନ, ଗୋଟିଏ ୱାକିଂ ଟ୍ରାକ, ଗୋଟିଏ ଖେଳ ପଡିଆ, ଗୋଟିଏ ରାସ୍ତାକଡ ଶୌଚାଳୟ ପାଇଁ ୧୮.୨୪ଲକ୍ଷ, ୮ନମ୍ବର ୱାର୍ଡରେ ଗୋଟିଏ ପାର୍କ, ଗୋଟିଏ ଶିଶୁ କ୍ରୀଡା ଉଦ୍ୟାନ, ୨ଟି ୱାକିଂ ଟ୍ରାକ, ଗୋଟିଏ ରାସ୍ତାକଡ ଶୌଚାଳୟ ପାଇଁ ୧୦.୭୪ଲକ୍ଷ, ୯ନମ୍ବର ୱାର୍ଡରେ ଗୋଟିଏ ରାସ୍ତାକଡ ଶୌଚାଳୟ ପାଇଁ ୨.୭୫ଲକ୍ଷ, ୧୧ନମ୍ବର ୱାର୍ଡରେ ଗୋଟିଏ ପାର୍କ, ଗୋଟିଏ ପବ୍ଲିକ ଜିମ, ଗୋଟିଏ ଶିଶୁ କ୍ରୀଡା ଉଦ୍ୟାନ, ୨ଟି ୱାକିଂ ଟ୍ରାକ, ଗୋଟିଏ ରାସ୍ତାକଡ ଶୌଚାଳୟ ପାଇଁ ୧୪.୯୨ଲକ୍ଷ, ୧୨ନମ୍ବର ୱାର୍ଡରେ ୬ଟି ପାର୍କ,ଗୋଟିଏ ପବ୍ଲିକ ଜିମ, ୬ଟି ଶିଶୁ କ୍ରୀଡା ଉଦ୍ୟାନ, ୭ଟି ୱାକିଂ ଟ୍ରାକ, ଗୋଟିଏ ଖେଳ ପଡିଆ, ୨ଟି ରାସ୍ତାକଡ ଶୌଚାଳୟ ପାଇଁ ୬୯.୨୨ଲକ୍ଷ, ୧୩ନମ୍ବର ୱାର୍ଡରେ ଗୋଟିଏ ୱାକିଂ ଟ୍ରାକ ଓ ଗୋଟିଏ ଜଳାଶୟ ପାଇଁ ୮ଲକ୍ଷ, ୧୭ନମ୍ବର ୱାର୍ଡରେ ଗୋଟିଏ ରାସ୍ତାକଡ ଶୌଚାଳୟ ପାଇଁ ୨.୭୫ଲକ୍ଷ, ୧୮ନମ୍ବର ୱାର୍ଡରେ ଗୋଟିଏ ପାର୍କ, ଗୋଟିଏ ପବ୍ଲିକ ଜିମ, ଗୋଟିଏ ଶିଶୁ କ୍ରୀଡା ଉଦ୍ୟାନ, ଗୋଟିଏ ୱାକିଂ ଟ୍ରାକ ପାଇଁ ୯.୧୭ଲକ୍ଷ ଓ ୧୯ନମ୍ବର ୱାର୍ଡରେ ୨ଟି ୱାକିଂ ଟ୍ରାକ ପାଇଁ ୩୦ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ସୋମବାର ସନ୍ଧ୍ୟାରେ ଇଛାପୁରସ୍ଥିତ ଯାତ୍ରୀ ନିବାସ ପରିସରରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏତଦବ୍ୟତିତ କେନ୍ଦ୍ରାପଡା ସହରର (ତିନିମୁହାଣି ଠାରୁ ଅଙ୍ଗୁଲେଇ ପର୍ଯ୍ୟନ୍ତ)ମୁଖ୍ୟ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ଖୁବ ଶୀଘ୍ର ସେହି ରାସ୍ତାର କାର୍ଯ୍ୟ କରାଯିବ ବୋଲି ବିଧାୟକ ଶ୍ରୀ ବେହେରା କହିଥିଲେ। ଏହାଛଡା ବସ୍ତିଅଞ୍ଚଳ ଉନ୍ନୟନ କରାଯିବା ସହ କାକଟ-ସାନ୍ତସାହି କେନାଲବନ୍ଧ ରାସ୍ତା, ଗୋବରୀ ନଦୀ ବନ୍ଧ ବାଇପାସ ରାସ୍ତାକୁ ଅଧିକ ଚଉଡା କରାଯାଇ ଉନ୍ନତ କରାଯିବ ବୋଲି ବିଧାୟକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଦେବଦାସ ମହାନ୍ତି, କାଳି ପ୍ରସାଦ ମିଶ୍ର, ରୋସ୍ନା ସାହୁ, ଭକ୍ତିଲତା କର, ଦୁର୍ଗା ପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ୮ମାସ ଚାଉଳ ଯୋଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଚିଠି ହାସ୍ୟାସ୍ପଦ ଓ ଅସହାୟତାର ପରିପ୍ରକାଶ : ସମୀର ମହାନ୍ତି

ଭୁବନେଶ୍ୱର, (ପ.ଏନ):କରୋନା ମହାମାରୀର ପ୍ରଥମ ଓ ଦ୍ୱିତୀୟ ଲହର ସମୟରେ ମୋଦି ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୧୫ମାସ ପର୍ଯ୍ୟନ୍ତ ଦେଶବାସୀଙ୍କୁ ଚାଉଳ, ଡାଲି ଯୋଗାଇ ଦେଇଛନ୍ତି । କେବଳ ଦ୍ୱିତୀୟ ଲହରରେ ୭ମାସ ପାଇଁ ଚାଉଳ ଦିଆଯାଇଛି। କୋଭିଡର ପ୍ରଥମ ଲହର ଓ ଦ୍ୱିତୀୟ ଲହରରେ ମୋଦି ସରକାର ଓଡିଶାର ୩.୧୭ କୋଟି ହିତାଧିକାରୀଙ୍କୁ ୫,୨୧୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଚାଉଳ, ଡାଲି ସହାୟତା ଯୋଗାଇ ଦେଇଛନ୍ତି । କୋଭିଡ୍ ମହାମାରୀର ପ୍ରଥମ ଲହରରେ ଜାତୀୟ ଖାଦ୍ୟ ସୁରକ୍ଷା ରେ ୯୫୫.୧୭ କୋଟି ଟଙ୍କା ଓଡିଶାକୁ ଆବଂଟନ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଆଉ ୮ମାସ ପାଇଁ ଚାଉଳ ଯୋଗାଇ ଦେବାକୁ ଯେଉଁ ଅନୁରୋଧ କରିଛନ୍ତି ତାହା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଏହା ଦ୍ୱାରା ନିଜର ଅସହାୟତାକୁ ପରିପ୍ରକାଶ କରିଛନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ରାଜ୍ୟ ସରକାର ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ)ରୁ ୨୦୨୦-୨୧ ସୁଦ୍ଧା ରାଜସ୍ୱ ଆକାରରେ ୧୩,୭୨୮ କୋଟି ଟଙ୍କା ପାଇଛନ୍ତି। ମୁଖ୍ୟମନ୍ତ୍ରୀ ଡିଏମଏଫ ଫଣ୍ଡକୁ ବିନା ଟେଣ୍ଡରରେ ଦଳୀୟ କାମରେ ଅପବ୍ୟବହାର କରୁଛନ୍ତି। ସେ ଟଙ୍କାରୁ ଯଦି ହିତାଧିକାରୀଙ୍କୁ ମାଗଣାରେ ଖାଦ୍ୟ ସାମଗ୍ରୀ ଦିଅନ୍ତେ ତେବେ ଭଲ ହୁଅନ୍ତା । ରାଜ୍ୟ ସରକାର ଡିଏମଏଫ ପାଣ୍ଠିର କୋଟି କୋଟି ଟଙ୍କା ସଠିକ୍ ବିନିଯୋଗ ନକରି ଏହି ପାଣ୍ଠିକୁ ଦଳୀୟ କାମ ଏବଂ ନିର୍ବାଚନ ପ୍ରଚାରରେ ଲଗାଉଛନ୍ତି। ତେବେ ସେହି ଅର୍ଥରେ ସାଧାରଣ ଲୋକଙ୍କୁ ଖାଦ୍ୟ ଯୋଗାଇବାରେ ଅସୁବିଧା କେଉଁଠି ରହିଲା ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏବେ ଗୋଟେ ଗୋଟେ ଜିଲ୍ଲା ଯାଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହେଲଥ କାର୍ଡ ବଂଟନ କରି ପାଣି ଭଳି ଶହ ଶହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଭିଡିଓ ବାର୍ତା ଭୁବନେଶ୍ୱରରେ ବି ରହି ଦେଇହେବ। ମାତ୍ର ବ୍ୟୟବହୁଳ ଗସ୍ତ କରି ଭିଡିଓ ବାର୍ତା ଚଲାଇବାର କାରଣ କଣ ? ଏଥିରୁ ଅନୁମେୟ ହେଉଛି ମୁଖ୍ୟମନ୍ତ୍ରୀ ନିଜର ଲୋକପ୍ରିୟତାକୁ ବଂଚାଇବା ପାଇଁ ଜନଜାତିଙ୍କ ବିକାଶ ପାଇଁ ଆସୁଥିବା ଟଙ୍କା ମଧ୍ୟ ଖର୍ଚ୍ଚ କରିବାକୁ ପଛାଉ ନାହାଁନ୍ତି। ଜିଲ୍ଲାବାସୀ ଏହାକୁ ମର୍ମେ ମର୍ମେ ଅନୁଭବ କଲେଣି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।ବିଶ୍ଳେଷଣ କଲେ ଏନଏଫଏସଏରେ ମୋଦି ସରକାର ୯୦ ଭାଗ ଦେଉଥିବା ବେଳେ ରାଜ ସରକାର ମାତ୍ର ୧୦ ଭାଗର ସହଯୋଗ କରନ୍ତି। ଏହା ସତ୍ୱେ ଅଭିଯୋଗ ହୋଇଛି ଯେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଓଡିଶା ସରକାର ମାସିକ ତାଲିକାଭୂକ୍ତ ପ୍ରାୟ ୫ଲକ୍ଷ କାର୍ଡଧାରୀ ପରିବାର ମାଗଣା ରାସନରୁ ବଂଚିତ ହୋଇଛନ୍ତି। ପ୍ରଶ୍ନ ଉଠୁଛି ସେହି ଭୂତ ହିତାଧିକାରୀ ମାନେ କିଏ ଏବଂ ସେମାନଙ୍କୁ କାହିଁକି ଏଥିରେ ତାଲିକାଭୁକ୍ତ କରାଯାଇଛି ? ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ହିତାଧିକାରୀଙ୍କ ତାଲିକା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଅଧୀନରେ ହିତାଧିକାରୀଙ୍କ ମଧ୍ୟରେ ଏକ ଅସଙ୍ଗତି ରହିଛି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ଏବଂ ଗଣମାଧ୍ୟମ ବିଭାଗ ରାଜ୍ୟ ସହ-ସଂଯୋଜକ ସୁଜିତ୍ କୁମାର ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ଡି.ଏ.ଭି କଳିଙ୍ଗ ନଗରଠାରେ ଲେଖକୀୟ ଭାବ ବିନିମୟ ସହ ଜାତୀୟ ପୁସ୍ତକ ସପ୍ତାହ ଉଦ୍‌ଯାପିତ




ଭୁବନେଶ୍ୱର ,(ପି.ଏନ): ପୁସ୍ତକ ରୂପକ ବନ୍ଧୁ ହିଁ ପ୍ରକୃତ ବନ୍ଧୁ । ଯିଏକି ମନୁଷ୍ୟକୁ ସମସ୍ତ କୁଭାବନା, ଦ୍ୱେଷ ତଥା ସମସ୍ୟାରୁ ବାହାରକୁ ଆଣି ତା'ର ଅ'ର୍ନିହିତ ଜ୍ଞାନ ବିକାଶରେ ସହାୟକ ହୋଇଥାଏ ବୋଲି ଡି.ଏ.ଭି କଳିଙ୍ଗ ନଗରଠାରେ ଜାତୀୟ ପୁସ୍ତକ ସପ୍ତାହର ବର୍ଣ୍ଣାଢ୍ୟ ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସୁନାମଧନ୍ୟ ଲେଖକ, ପ୍ରଶାସକ ତଥା ସୁବକ୍ତା ଶ୍ରୀ ଦେବପ୍ରସାଦ ଦାଶ (ଓ.ଏ.ସ.) ମତବ୍ୟକ୍ତ କରିଛନ୍ତି । ସୃଜନାତ୍ମକ ଲେଖାପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନରେ ସମ୍ମାନିତ ଶ୍ରୀ ଦାଶ ପୁସ୍ତକକୁ ଏକ ଆନୁଗତ୍ୟ ବନ୍ଧୁ ରୂପେ ବିବେଚନା କରିବା ସହ ଏହା ମନୁଷ୍ୟକୁ ଏକ କଳ୍ପନା ରାଇଜକୁ ନେଇ ତାହାକୁ ଭାଷାରେ ପରିଣତ କରିବାରେ ସହାୟକ ହୋଇଥାଏ ବୋଲି ମଧ୍ୟ ମତ ରଖିଥିଲେ । ଉତ୍ସବରେ ଅଧ୍ୟକ୍ଷତା କରି ବିଦ୍ୟାଳୟର ଅଧ୍ୟକ୍ଷ ବିପିନ୍ କୁମାର ସାହୁ ପୁସ୍ତକ ପଠନ ଏକ ବିଷୟବସ୍ତୁର ସାମଗ୍ରିକ ଜ୍ଞାନ ପ୍ରଦାନ କରେବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶ୍ରୀ ଦାଶ ଛାତ୍ରଛାତ୍ରୀ ମାନଙ୍କ ସହିତ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ପୁସ୍ତକ ସପ୍ତାହ ଅବସରରେ ଆୟୋଜିତ ପ୍ରବନ୍ଧ, ତର୍କ, ସାଧାରଣ ଜ୍ଞାନ, କବିତା ଆବୃତ୍ତି ପ୍ରଭୃତି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରୀ ଦାଶ ତାଙ୍କ ଏକାଧିକ ସ୍ୱରଚିତ ପୁସ୍ତକକୁ ବିଦ୍ୟାଳୟ ପାଠାଗାର ପାଇଁ ପ୍ରଦାନ କରିଥିଲେ । ବିଦ୍ୟାଳୟ ତରଫରୁ ଶ୍ରୀ ଦାଶଙ୍କୁ ଉପଢୌକନ, ଚାରା, ରୌପ୍ୟଜୟନ୍ତୀ ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ପାଠାଗାର ଅଧିକାରୀ ହେମକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ଜଗଦୀଶ ଚନ୍ଦ୍ର ଦାଶ ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ପର୍ଯ୍ୟବେକ୍ଷିକ ପର୍ଯ୍ୟବେକ୍ଷିକା, ପାଠାଗାର କମିଟିର ସଦସ୍ୟ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମାରୁତି ସେନା ପକ୍ଷରୁ ଆଦିତ୍ୟ ଦାସ ମୃତ୍ୟୁ ଘଟଣାର ସଠିକ୍ ତଦନ୍ତ ଦାବି




କେନ୍ଦୁଝର(ପିଏନ)-ସମାଜସେବୀ ତଥା ପିପୁଲ ଫର ସେବାର ପ୍ରତିଷ୍ଠାତା ଆଦିତ୍ୟ ଦାସଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ସନ୍ଦେହ ଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ହସ୍ତକ୍ଷେପ କରିଥିଲେ । ଜିଆରଏଫ୍ ଏବଂ କ୍ରାଇମ୍‌ବ୍ରାଞ୍ଚ ପୋଲିସ୍ ଲାଗି ମଧ୍ୟ ଏ ପର୍ଯ୍ୟନ୍ତ କିଛି ଆଶାନୁରୂପ ଫଳ ପରିଲକ୍ଷିତ ହୋଇପାରି ନାହିଁ । ଏହାରି ଭିତରେ ୩ମାସ ବିତି ଗଲାଣି । ଏଣୁ ଏହି ଘଟଣାର ସଠିକ୍ ତଦନ୍ତ ଏବଂ ଆଦିତ୍ୟ ଦାସଙ୍କ ମୃତ୍ୟୁର ପ୍ରକୃତ ରହସ୍ୟ ଜନସାଧାରଣଙ୍କ ନିକଟକୁ ଆସିବା ଦରକାର । ସିବିଆଇ ଅନୁସନ୍ଧାନ ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କୁ ମାରୁତି ସେନା ପକ୍ଷରୁ ଦାବିପତ୍ର ଦିଆଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ସମାଜସେବୀ ଦୀପକ କୁମାର ମହାନ୍ତ, ବିଭୀଷଣ ମହାନ୍ତ, ଦୀପକ ଜେନା, ବିକ୍ରମ ପଲେଇ, ଝରଣା ପଟ୍ଟନାୟକ, ଜମ୍ଭିକା ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ ।

ମହାନ୍ତ, ଦୀପକ ଜେନା, ବିକ୍ରମ ପଲେଇ, ଝରଣା ପଟ୍ଟନାୟକ, ଜମ୍ଭିକା ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ ।

# କନ୍ଧମାଳର ୬.୫୦ ଲକ୍ଷ ଲୋକ ପାଇବେ ସ୍ମାର୍ଟ କାର୍ଡର ସୁବିଧା

ଭୁବନେଶ୍ୱର,(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି କନ୍ଧମାଳ ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ୬ ଲକ୍ଷ ୫୦ ହଜାର ଲୋକ ଏହି ସୁବିଧା ପାଇବେ । ଏହାସହିତ ରାଜ୍ୟର ୧୬ଟି ଜିଲ୍ଲାର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହେଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ପର୍ଯ୍ୟଟନ ଓ ଜୈବିକ ଫସଲ ପାଇଁ କନ୍ଧମାଳ ଜିଲ୍ଲାର ଖୁବ୍ ପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ କନ୍ଧମାଳ ହେଉଛି ସୁନାର ଭୂମି । ଜୈବିକ ଫସଲ ବିଶେଷ କରି କନ୍ଧମାଳ ହଳଦୀ ଆଜି ସାରା ଦେଶରେ ଏକ ଲୋକପ୍ରିୟ ବ୍ରାଣ୍ଡ ଭାବରେ ପ୍ରତିଷ୍ଠା ଲାଭ କରିଛି । ଜୈବିକ ଫସଲ ପାଇଁ ଏବେ ଆଗ୍ରହ ବଢୁ ଥିବାରି ଏ କ୍ଷେତ୍ରରେ କନ୍ଧମାଳର ବହୁତ ସୁଯୋଗ ରହିଛି ବୋଲି ସେ କହିଥିଲେ । ସେହିପରି ଇକୋ ଟୁରିଜିମ୍ ପାଇଁ ମଧ୍ୟ କନ୍ଧମାଳ ସାରା ଦେଶର ପର୍ଯ୍ୟଟକ ମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏ ଦୁଇ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇ କାମ କରୁଛନ୍ତି ବୋଲି କହିଥିଲେ ।ଆଜି କନ୍ଧମାଳ ପାଇଁ ମୁଖ୍ୟମନ୍ତ୍ରୀ ୨୭୬ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରି ଏଥିରେ ଭିତିଭୂମି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ । ଏହି ଅବସରରେ ୫୦୪ କୋଟି ଟଙ୍କା ବିନିଯୋଗରେ କନ୍ଧମାଳରେ ୫୦୦ ଶଯ୍ୟା ବିଶିଷ୍ଟ ଏକ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରି କହିଥିଲେ ଯେ ଏଥିରେ ବର୍ଷକୁ ୧୦୦ ଜଣ ପିଲା ଡାକ୍ତରୀ ପାଠ ପଢିପାରିବେ। ମେଡିକାଲ କଲେଜ ନିର୍ମାଣ କାମ ଠିକ୍ ସମୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କନ୍ଧମାଳ ଜିଲ୍ଲାରେ ବିଜୁ ସେତୁ ଯୋଜନାରେ ୧୨୦ କୋଟି ଟଙ୍କା ବିନିଯୋଗରେ ୬୯ ଗ୍ରାମ ପଂଚାୟତରେ ଯୋଗାଯୋଗର ଉନ୍ନତି କରାଯାଇଛି । ଏହାଦ୍ୱାରା ଜିଲ୍ଲାର ୨ ଲକ୍ଷ ଲୋକ ଉପକୃତ ହେଉଛନ୍ତି । ବାଲିଗୁଡାରେ ନିର୍ମାଣାଧୀନ ୨୨୦/୩୩ କେଭି ଗ୍ରୀଡ୍ ଷ୍ଟେସନ୍ ଖୁବ୍ ଶିଘ୍ର ଶେଷ ହେବ ।ଏହାଦ୍ୱାରା କେ. ନୂଆଗାଁ, ତୁମୁଡିବନ୍ଧ, କୋଟଗଡ, ଦାରିଙ୍ଗିବାଡି ଓ ବାଲିଗୁଡା ବ୍ଲକର ୭୦ ହଜାର ପରିବାର ଉପକାର ପାଇବେ । ଏହାଦାରା ପାଇପ ପାଣି ଯୋଗାଣରେ ଉନ୍ନତି ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ଏହି କାର୍ଯ୍ୟକ୍ରମରେ ପଂଚାୟତି ରାଜ ମନ୍ତ୍ରୀ ପ୍ରତାପ ଜେନା, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ, ସାଂସଦ ଡ. ଅଚ୍ୟୁତାନନ୍ଦ ସାମନ୍ତ ଓ ବିଧାୟକ ଅଙ୍ଗଦ କହଁର ପ୍ରମୁଖ ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ରାଜ୍ୟବାସୀଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଛି ବୋଲି କହିଥିଲେ ।ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କେତେକ ହିତାଧିକାରୀଙ୍କୁ ବିଏସକେୱାଇ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

# ମମିତା ହତ୍ୟା ଘଟଣା : ଅଭିଯୁକ୍ତ ଓ ତାଙ୍କ ସୁରକ୍ଷାଦାତାଙ୍କ ପଲିଗ୍ରାଫ ଟେଷ୍ଟ କରିବାକୁ କଂଗ୍ରେସର ଦାବି

ଭୁବନେଶ୍ୱର, (ପି.ଏନ): ମମିତା ହତ୍ୟାକାଣ୍ଡ ଘଟଣାରେ ବିରୋଧିଙ୍କୁ ପ୍ରମାଣ ମଗାଯାଉଛି। ଗୋବିନ୍ଦ ସାହୁ, ଗୃହମନ୍ତ୍ରୀ ଓ ତାଙ୍କର ସହଯୋଗୀ, ଉଭୟ ଜିଲ୍ଲାର ଏସ୍‌ପି, ଡିଆଜି ସହ ବିଜେଡ଼ି ସାଂଗଠନିକ ସମ୍ପାଦକଙ୍କ ପଲିଗ୍ରାଫ ଟେଷ୍ଟ କରାଗଲେ ତଥ୍ୟ ସହ ପ୍ରମାଣ ମଧ୍ୟ ମିଳିପାରିବ। ତେଣୁ ଏମାନଙ୍କ କଲ ଡିଟେଲ ସହ ପଲିଗ୍ରାଫ ଟେଷ୍ଟ କରିବାକୁ ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ନୟାଗଡର ପରୀ ହତ୍ୟା ମାମଲା ଓ ଚିଟଫଣ୍ଡ ତଦନ୍ତ ବେଳେ ନବୀନ ନିବାସର ସରୋଜର ବ୍ୟବହାର ପଲିଗ୍ରାଫ୍ ଟେଷ୍ଟ କୁ ନେଇ ଓଭର ରିଆକ୍ଟ କରୁଥିଲେ । ମମିତା ମେହେର ମାମଲାରେ ବି ଗୃହରାଷ୍ଟ୍ର ମନ୍ତ୍ରୀ ଓ ବିଜେଡ଼ି ସାଂଗଠନିକ ସଂପାଦକଙ୍କ ଓଭରରିଆକ୍ସନ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତପୂର୍ବରୁ ଉଭୟ ମନ୍ତ୍ରୀ ଓ ସାଂଗଠନିକ ସଂପାଦକ ପୋଲିସ୍ ଓ ପ୍ରଶାସନକୁ ନେଇ କଳାହାଣ୍ଡିର କୋଣ ଅନୁକୋଣ ବୁଲିଛନ୍ତି। ଏମାନେ ତଥ୍ୟ ପ୍ରମାଣ ନଷ୍ଟ କରିଛନ୍ତିକି ବୋଲି ପ୍ରଶ୍ନ କରି ସେଥିପାଇଁ ଦମ୍ଭର ସହିତ ପ୍ରମାଣ ମାଗୁଛନ୍ତି ବୋଲି ପ୍ରଶ୍ନ କରାଯାଇଛି। ତାହାହେଲେ ଉଭୟଙ୍କ ସହ ବଲାଙ୍ଗିର ଓ କଳାହାଣ୍ଡିର ଏସ୍‌ପି ଡିଆଜିଙ୍କ କଲରେକର୍ଡ ଯାଂଚ ସହ ପରୀ ଘଟଣାର ତଦନ୍ତ ପ୍ରକ୍ରିୟା ଅନୁଯାୟୀ ସେମାନଙ୍କ ପଲିଗ୍ରାଫ ଟେଷ୍ଟ କରିବାକୁ କଂଗ୍ରେସ ଦଳ ଦାବି କରିଛି ।ଗଣତନ୍ତ୍ରରେ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ ପ୍ରଶ୍ନ କରାଗଲେ ତାର ଉତର ଖୋଦ ମୁଖ୍ୟମନ୍ତ୍ରୀ କିମ୍ବା ଅଧିକୃତ ମନ୍ତ୍ରୀ ଦେବେ। ଦଳ, ଦଳର ସୁପ୍ରିମୋଙ୍କୁ ପ୍ରଶ୍ନ କରାଗଲେ ଦଳର ମୁଖପାତ୍ର ଉତର ରଖିବେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନକଲେ ଜଣେ ଅନଧିକୃତ ବ୍ୟକ୍ତି ଉତର ଦେବା ଦୁର୍ଭାଗ୍ୟଜନକ। ନଭେମ୍ବର ୭ ତାରିଖରେ ମହିଳା ଓ ଶିଶୁ ବିଭାଗ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଏକ ଟୁଇଟ କରିଥିଲେ। ଟୁଏଟରେ ଉଭୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେଯେ, ରାଜନୈତିକ ଭିନ୍ନମତଦବାଦକୁ ଭୁଲିଯାଇ ଏକତା ଭାବେ ମମିତା ପରିବାରର ଦୁଃଖରେ ସାମିଲ ହେବାକୁ। ରାଜ୍ୟର ଜଣେ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସ୍ୱାଭାବିକ, କିନ୍ତୁ ବିଜେପିର କେନ୍ଦ୍ରମନ୍ତ୍ରୀଙ୍କ ଶରଣରେ ଗଲେ କାହିଁକି ? ଗୋବିନ୍ଦ ସାହୁ ସନ୍ଦେହଜନକ ଫେରାର ହେଲା ଟିଟିଲାଗଡ଼ରୁ, ମନ୍ତ୍ରୀ ସେହି ଟିଟିଲାଗଡ଼ର ବିଧାୟକ। 'ଗୋବିନ୍ଦ ସାହୁ"ଙ୍କୁ ଫେରାର କରିବା ପଛରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ହାତ ଥିବା ଓ ପୋଲିସ ଏହି ରାଷ୍ଟ୍ରମନ୍ତ୍ରୀଙ୍କ ବୋଲକରା ସାଜୁଥିବା ଯୋଗୁଁ ସେ ଉଭୟ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେକି ? ପୋଲିସ ମାତ୍ରାଧିକ ଉଦାସୀନତା ସହ ଯେହେତୁ ଗୃହରାଷ୍ଟ୍ର ମନ୍ତ୍ରୀଙ୍କୁ ସଂପୃକ୍ତି ଅଭିଯୋଗ ଆସୁଥିବା ଯୋଗୁଁ ଓଡ଼ିଶା ପୋଲିସ ନିଜ ବିଭାଗର ମନ୍ତ୍ରୀଙ୍କୁ ବାନ୍ଧିବା ସମ୍ଭବ ନୁହେଁ। ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ପରିପ୍ରେକ୍ଷୀରେ ବହୁ କ୍ୟାବିନେଟ ମନ୍ତ୍ରୀ ସେ ଅଂଚଳରେ ଥିଲେ। ପୋଲିସ ଓ ପ୍ରଶାସନ ତତ୍ପର ଥିଲା। ଖୋଦ ଗୃହ ରାଷ୍ଟ୍ରମନ୍ତ୍ରୀ କଳାହାଣ୍ଡି ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଧରି ବୁଲୁଥିଲେ। କେହିବି ମୃତ ମମିତାର ପରିବାରକୁ ସମବେଦନା ଜଣାଇବାକୁ ଯାଇ ନାହାନ୍ତି କିମ୍ବା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଅନୁରୋଧ ସତ୍ୱେ ମୁଖ୍ୟମନ୍ତ୍ରୀ ପଦୁଟିଏ ମଧ୍ୟ କହିନାହାନ୍ତି, ତା'ର କାରଣ କ'ଣ ?ଟୁଇଟ୍ ସହ ଏକ ଭିଡିଓ ଅପଲୋଡ କରାଯାଇଛି। ମନ୍ତ୍ରୀ ଶ୍ରୀମତୀ ସାହୁ ମମିତା ପରିବାରକୁ ଭେଟି ନାହାନ୍ତି କିମ୍ବା ସେମାନେ ମଧ୍ୟ ମନ୍ତ୍ରୀ ପାଖକୁ ଆସିନାହାନ୍ତି। ଏହି ଭିଡିଓ ପାଇଲେ କେଉଁଠୁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହା କ'ଣ ସତ୍ୟକି ଜଣେ ବିଜେଡ଼ି ନେତା ଅନ୍ଧାରି ବିଜେକରି ପୋଲିସ ଓ ପ୍ରଶାସନ ମାଧ୍ୟମରେ ଚାପ ପ୍ରୟୋଗ କରି ବଳପୂର୍ବକ ଲେଖା ପଢ଼ାଇ ଭିଡିଓ ତିଆରି କରିଛନ୍ତି କି ? ଝିଅକୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଥିବା ଏକ ପିତାମାତାଙ୍କ ଠାରୁ "ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା ଅଛି" ବୋଲି କୁହାଇ ପ୍ରଚାର କରାଇବା ବିକୃତ ଓ ଜଘନ୍ୟ ମାନସିକତା ନୁହେଁ କି ? ଗୃହରାଷ୍ଟ୍ର ମନ୍ତ୍ରୀ ଆତ୍ମଗୋପନ ବେଳେ ଜଣେ ବିଧାୟକଙ୍କ ଘରେ ଥିବା ଅଭିଯୋଗ ଉଠୁଥିଲା ସେ ବିଧାୟକ ଜଣକ କିଏ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, ଅଭିଶେକ ମହାନନ୍ଦ ଓ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ଓଡିଶା ମୋ ପରିବାର ତରଫରୁ ରକ୍ତଦାନ ଶିବିର




କେନ୍ଦୁଝର(ପିଏନ)-ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୧ତମ ଜୟନ୍ତୀ ଅବସରରେ ଓଡିଶା ମୋ ପରିବାର ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନ କରୋନା ଦିନକୁ ଦିନ ନିଜର କାୟା ବିସ୍ତାର କରିବାରେ ଲାଗିଥିବା ବେଳେ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି । ଅନେକ ଜାଗାରେ ରକ୍ତର ଆବଶ୍ୟକତା ମଧ୍ୟ ପଡୁଛି । ଯାହାକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓଡିଶା ମୋ ପରିବାର ତରଫରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତ ସଂଗ୍ରହର କାର୍ଯ୍ୟକ୍ରମ କରାଯାଉଛି । କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ନଗର ଭବନ ଠାରେ ଓଡିଶା ମୋ ପରିବାର ତରଫରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ରକ୍ତଦାନ ଶିବିରରେ ରକ୍ତାଦନ କରିବାକୁ ସ୍ୱେଛାକୃତ ଭାବେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଯୁବକମାନେ ନଗର ଭବନ ଠାରେ ଉପସ୍ଥିତ ଥିଲେ । ବିଜୁ ଜନତା ଦଳ ତରଫରୁ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅଞ୍ଜନ କୁମାର ବେଜ, ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

# ଚିହ୍ନଟ ହେଲେ ଆଉ ୮୭ ଆକ୍ରାନ୍ତ, ଜଣେ ମୃତ

ଭଦ୍ରକ, (ପିଏନ)-ଆଉ ନୂଆ ୮୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ମଧ୍ୟ ହୋଇଛି। ଫଳରେ ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୮୧୪ରେ ପହଂଚିଥିବା ବେଳେ ମୃତ୍ୟୁ ସଂଖ୍ୟା ୮ରୁ ବୃଦ୍ଧି ହୋଇ ୯ ହୋଇଛି। ସେହିଭଳି ସୁସ୍ଥଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟି ୨୧୩୯ ହୋଇଥିବା ବେଳେ ଏବେ ଆଉ ୬୬୬ଜଣ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି। ତେବେ ଆଜି ଯେଉଁସବୁ ଅଂଚଳରୁ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେହିସବୁ ଅଂଚଳ ହେଲା ଭୁବନେଶ୍ୱରର କିମ୍ସ୍ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ଚାନ୍ଦବାଲି ବ୍ଲକ ଆରଡି ପଂଚାୟତର ଜଣେ, ଏମ୍‌ସ୍‌ରେ ଚିକିତ୍ସିତ ହେଉଥିବା ଭଦ୍ରକ ପୌରପାଳିକାର ୨୧ ନଂ ୱାର୍ଡର ଜଣେ, ଅଶ୍ୱିନୀ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ୧୩ ନଂ ୱାର୍ଡର ଜଣେ ଚିହ୍ନଟ ହୋଇଛନ୍ତି। ସେହିଭଳି ଭଦ୍ରକ ବ୍ଲକର କୋରକୋରା ପ ।ୟତରୁ ଜଣେ, ବହୁଦରଡା ପ ।ୟତରୁ ୧୦, ଚଣ୍ଡିଗାଁ ପ ।ୟତରୁ ୨ଜଣ, ବନ୍ଧଗାଁ ପ ।ୟତରୁ ଜଣେ, ଚରମ୍ପାରୁ ୩, ଗେଲପୁରରୁ ଜଣେ, ଖଣ୍ଡତଡାରୁ ଜଣେ, ରାନ୍ଦିଆରୁ ୪, ରାହାଞ୍ଜାରୁ ଜଣେ, ଆର.ଏନ.ବେତଡାରୁ ୨, ସାବରଙ୍ଗରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ ପ ।ୟତରୁ ୨, ନୂଆଗାଁ ପ ।ୟତରୁ ୩, କୁଚିଗାଁରୁ ଜଣେ, ରହଣିଆରୁ ଜଣେ, ରାମଚନ୍ଦ୍ରପୁରରୁ ୨, ସରସଦାରୁ ଜଣେ, ତେସିଙ୍ଗାରୁ ୨, ନପଙ୍ଗରୁ ଜଣେ, ତିହିଡି ବ୍ଲକର କାଁପଡା ପ ।ୟତରୁ ୨ଜଣ, ଭାଟପଡା ପ ।ୟତରୁ ଜଣେ, ବିଳଣାରୁ ଜଣେ, ବୋଡକରୁ ଜଣେ, ଦୋଳସାହିରୁ ୬, ଚାନ୍ଦବାଲି ବ୍ଲକର ଦୋସିଙ୍ଗା ପ ।ୟତରୁ ୨ଜଣ, ଗୋଲାଡିହା ପ ।ୟତରୁ ଜଣେ, ଧାମନଗର ବ୍ଲକ ଧୁଷୁରୀ ପ ।ୟତରୁ ୨ଜଣ, ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପ ।ୟତରୁ ଜଣେ, ଅରଣ୍ଡୁଆ ପ ।ୟତରୁ ଜଣେ, ବାସୁଦେବପୁର ପୌରପାଳିକାର ବାଲିନଗର ଅ ଳରୁ ଜଣେ, ୧୮ ନଂ ୱାର୍ଡରୁ ଜଣେ, ୨୩ ନଂ ୱାର୍ଡରୁ ଜଣେ, ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡରୁ ଜଣେ, ୧୨ ନଂ ୱାର୍ଡରୁ ୨, ୧୩ ନଂ ୱାର୍ଡରୁ ଜଣେ, ୨୯ ନଂ ୱାର୍ଡରୁ ୨ଜଣ, ୫ ନଂ ୱାର୍ଡରୁ ୨ଜଣ, ୬ ନଂ ୱାର୍ଡରୁ ୨, ୭ ନଂ ୱାର୍ଡରୁ ଜଣେ, ବନ୍ତ ବ୍ଲକଆଡିଆ ପ ।ୟତରୁ ୨ଜଣ, ବଡବର୍ଦ୍ଧିକୟାଁରୁ ୨, ବନ୍ତ ପ ।ୟତରୁ ୨, ଗଣିଜାଙ୍ଗରୁ ଜଣେ, ଓଡଙ୍ଗରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲାର ସମ୍ପୁଲିଆ ଅ ଳରୁ ଜଣେ ଏବଂ ବାଉଁମଣି ଅ ଳରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK





## ସୈନ୍ୟ ବାହିନୀରେ ନିଯୁକ୍ତି ପାଇଁ କେନ୍ଦୁଝର ଜିଲ୍ଲାର ଶିକ୍ଷିତ ବେକାର ଜନଜାତି ଯୁବକମାନଙ୍କ ପାଇଁ ପ୍ରାକ୍ ତାଲିମ ଶିବିର

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ଶିକ୍ଷିତ ବେକାର ଜନଜାତି ଯୁବକମାନଙ୍କ ପାଇଁ ସୈନ୍ୟ ବାହିନୀରେ ନିଯୁକ୍ତି ନିମନ୍ତେ ତା ୦୬.୧୨.୨୦୨୧ ରିଖ ରୁ ତା ୦୪.୦୧.୨୦୨୨ ରିଖ ପର୍ଯ୍ୟନ୍ତ ଏକ ପ୍ରାକ୍ ତାଲିମ ଶିବିର ଆୟୋଜନ କରିବା ପାଇଁ ସ୍ଥିରିକୃତ ହୋଇଛି। ଏଥିନିମନ୍ତେ ତା ୦୧.୧୨.୨୦୨୧ ରିଖ ରୁ ତା ୦୩.୧୨.୨୦୨୧ ରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୦ ଘଟିକା ସମୟରେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, କେନ୍ଦୁଝର ପରିସରରେ ସ୍କ୍ରିନିଂ କ୍ୟାମ୍ପ ଆୟୋଜିତ ହେବ। ଏହି କ୍ୟାମ୍ପରେ ପ୍ରାର୍ଥୀଙ୍କର ଶାରୀରିକ ଫିଟ୍‌ନେସ୍ ଓ ପ୍ରାକ୍ ମେଡିକାଲ ଟେଷ୍ଟ କରାଯାଇ ପ୍ରାକ୍ ତାଲିମ ଶିବିର ପାଇଁ ପ୍ରାର୍ଥୀ ଚୟନ କରାଯିବ। କେନ୍ଦୁଝର ଜିଲ୍ଲାରେ ଓମ୍ବାଡିସି ବ୍ଲକ୍ ଯଥା - ଯୋଡ଼ା, ହରିଚନ୍ଦନପୁର, ଝୁମ୍ପୁରା, ହାଟଡିହି ଏବଂ ବାଂଶପାଳ ବ୍ଲକ୍‌ର ପ୍ରାର୍ଥୀମାନଙ୍କୁ ଏହି ଚୟନ ପ୍ରକ୍ରିୟାରେ ଅଗ୍ରାଧିକାର ଦିଆଯିବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ ସୂଚନା ଦେଇଛନ୍ତି। ସ୍କ୍ରିନିଂ କ୍ୟାମ୍ପକୁ ଆସିବା ବେଳେ ପ୍ରାର୍ଥୀ ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର, ମାର୍କସିଟ୍, ତହସିଲଦାରଙ୍କ ଦ୍ୱାରା ପ୍ରଦତ ଆବାସିକ ପ୍ରମାଣପତ୍ର ସହିତ ପ୍ରାର୍ଥୀଙ୍କ ଜାତିଗତ ପ୍ରମାଣପତ୍ର ନିହାତି ଆଣିବା ଆବଶ୍ୟକ ବୋଲି ସେ ସୂଚନା ଦେଇଛନ୍ତି। ଭାରତୀୟ ସେନା ବାହିନୀରେ ସୋଲ୍‌ଜର୍ ଜେନେରାଲ ଡ୍ୟୁଟି, ସୋଲ୍‌ଜର୍ ଟେକ୍‌ନିକାଲ, ସୋଲ୍‌ଜର୍ ଟେକ୍‌ନିକାଲ( ଆ।ଭି ଆ।ସନ/ଆ।ମ୍ୟୁନିସନ୍ ଏକ୍‌ଜାମିନର୍), ସୋଲ୍‌ଜର୍ ଟେକ୍‌ନିକାଲ-ନର୍ସିଂ ଆସିଷ୍ଟାଂଟ/ ନର୍ସିଂ ଆସିଷ୍ଟାଂଟ ଭେଟେରିନାରୀ, ସୋଲ୍‌ଜର୍ କ୍ଲର୍କ/ଷ୍ଟୋର୍ କିପର ଟେକ୍‌ନିକାଲ, ସୋଲ୍‌ଜର୍ ଟ୍ରେଡ୍‌ସମ୍ୟାନ୍(ଅଲ୍ ଆର୍ମସ୍) ୧୦ମ ପାସ୍, ସୋଲ୍‌ଜର୍ ଟ୍ରେଡ୍‌ସମ୍ୟାନ୍ (ଅଲ୍ ଆର୍ମସ୍) ୮ମ ପାସ୍ ବର୍ଗରେ ନିଯୁକ୍ତି ପାଇଁ ତାଲିମ୍ ଦିଆଯିବ। ପ୍ରାର୍ଥୀ ତା୧/୧୦/୧୯୯୯ ରୁ ତା୧/୪/ ୨୦୦୪ ମଧ୍ୟରେ ଜନ୍ମଗ୍ରହଣ କରିଥିବା ( ୧୭ ରୁ ୨୩ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ) ଆବଶ୍ୟକ। ବିଭିନ୍ନ ବର୍ଗ ପାଇଁ ପ୍ରାର୍ଥୀଙ୍କର ଉଚ୍ଚତା ୧୬୨ ସେ.ମି.ରୁ ୧୬୯ ସେ.ମି., ଓଜନ ୪୮କି.ଗ୍ରାରୁ ୫୦ କି.ଗ୍ରା, ଛାତି ୭୬ସେ.ମି.ରୁ ୭୭ସେ.ମି.(୫ସେ.ମି. ସମ୍ପ୍ରସାରଣ) ଓ ଶିକ୍ଷାଗତ ଯୋଗ୍ୟତା ଅଷ୍ଟମ ପାସ୍‌ରୁ +୨ ହୋଇଥିବା ଆବଶ୍ୟକ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆର୍ମି ରିକ୍ରୁଟିଂ ଅଫିସ୍ ସମ୍ବଲପୁର ଜଣାଇଛନ୍ତି ଯେ, ଆସନ୍ତା ମାର୍ଚ୍ଚ ପ୍ରଥମ / ଦ୍ୱିତୀୟ ସପ୍ତାହରେ କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ଅନୁଗୁଳ, ଦେବଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ବଲାଙ୍ଗୀର ଏବଂ ଢେଙ୍କାନାଳ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ଆର୍ମି ରିକ୍ରୁଟ୍‌ମେଂଟ ର୍‍ୟାଲି ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଏଥିନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ଯଥା ସମୟରେ ଇଣ୍ଡିଆନ୍ ଆର୍ମି ୱେବ୍‌ସାଇଟ୍ www.joinindianarmy.nic.in ରେ ନାମ ପଂଜୀକରଣ କରିବାକୁ ପଡିବ। ଇଚ୍ଛୁକ ପ୍ରାର୍ଥୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ନାମ ପଂଜିକରଣ କରିପାରିବେ। ଆର୍ମି ରିକ୍ରୁଟ୍‌ମେଂଟ ର୍‍ୟାଲି ଅନୁଷ୍ଠିତ ହେବାର ୧୫ଦିନ ପୂର୍ବରୁ ଇ-ମେଲ୍ ଯୋଗେ ପଂଜିକୃତ ପ୍ରାର୍ଥୀମାନଙ୍କୁ ଆଡ୍‌ମିଟ୍ କାର୍ଡ ଜରିଆରେ ର୍‍ୟାଲିର ସ୍ଥାନ ଜଣାଇ ଦିଆଯିବ ବୋଲି ଆର୍ମି ରିକ୍ରୁଟିଂ ଅଫିସ୍ ସମ୍ବଲପୁର ପକ୍ଷରୁ ସୂଚନା ଦିଆଯାଇଛି।

## ସୁଶାନ୍ତ ଦାସଙ୍କ ଏକାଦଶାହରେ ସ୍ମୃତି ଚାରଣ ସଭା



ଚଣ୍ଡିଖୋଲ,(ପି.ଏନ୍): ଚଣ୍ଡିଖୋଲ ଛକ ସନ୍ନିକଟ ସିଧିପୁର ଗ୍ରାମରେ ସ୍ୱର୍ଗତ ସୁଶାନ୍ତ ଦାସ (କୁଜା)ଙ୍କର ଏକାଦଶାହରେ ଏକ ସ୍ମୃତି ଚାରଣ ସଭା ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ସ୍ମୃତି ଚାରଣ ସଭାରେ ସମାଜସେବୀ କୁଳମଣି ସ୍ୱାଇଁ, ପ୍ରାକ୍ତନ ସରପଂଚ ସଂଜୀବ୍ କୁମାର ଜେନା, ଚାରଣ ଗଣେଶ୍ୱର ପରିଡ଼ା, ବିଜେପି ନେତା ସର୍ବେଶ୍ୱର ବେହୁରା, ପ୍ରାକ୍ତନ ସମିତି ସଭ୍ୟ ହିମାଂଶୁ ମହାପାତ୍ର, ପ୍ରାକ୍ତନ ସରପଂଚ ଉତମ ଦାସ, ପ୍ରାଧ୍ୟାପକ ବିଜୟ କେତନ ସମାଲ, ଶିକ୍ଷକ ଅକ୍ଷୟ କୁମାର ଖଣ୍ଡାଇ, ଜ୍ଞାନେନ୍ଦ୍ର ସାହୁ, ପ୍ରାକ୍ତନ ସରପଂଚ ବିକ୍ରମ ବିଶ୍ୱାଳ, ସାମ୍ବାଦିକ ଶିବରାମ ସାହୁ, ନାଟ୍ୟକାର ଯଚିନ୍ଦ୍ର ମହାପାତ୍ର, ଯୁଗଳ କିଶୋର ବଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସେ ଜଣେ ଭଲ ମଣିଷ ଭାବେ ସମସ୍ତଙ୍କୁ ସେବା କରିବା ଓ ଭଲ ପାଇବା ଯୋଗୁଁ ଲୋକ ପ୍ରିୟତା ଅର୍ଜନ କରିଥିଲେ। ତାଙ୍କର ଯେଉଁ ଅକାଳ ବିୟୋଗ ଘଟିଲା ସେଥିପାଇଁ ସମସ୍ତେ ମର୍ମାହତ। ତାଙ୍କର ଏକମାତ୍ର ପୁତ୍ର କିପରି ଭଲ ବାଟରେ ଯାଇ ଶିକ୍ଷା ଲାଭ କରି ଆଗେଇ ପାରିବ ଓ ତାଙ୍କର ବିଧବା ପତ୍ନୀଙ୍କୁ ସମବେଦନା ଜଣାଇ ପ୍ରଭୁ ଜଗନ୍ନାଥ ତାଙ୍କ ପରିବାରକୁ ସହାୟତା ହେବା ପାଇଁ ସମସ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହା ପରେ କଂଗ୍ରେସ ନେତା ଶ୍ରୀନାଥ ମିଶ୍ର ଓ ଧର୍ମଶାଳାର ବିଜେପି ନେତ୍ରୀ ସ୍ମୃତିରେଖା ପହୀ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ବାସ ଗୃହକୁ ଯାଇ ସ୍ୱର୍ଗତ ଦାସଙ୍କ ପତ୍ନୀଙ୍କୁ ସମବେଦନା ଜଣାଇଥିଲେ।

## ରାଜ୍ୟସ୍ତରୀୟ ଅନ୍ତବିଶ୍ୱବିଦ୍ୟାଳୟ ବିଭିନ୍ନ ଖେଳ ପ୍ରତିଯୋଗିତା ଆୟୋଜନ କରିବ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ



ବାରିପଦା,(ପି.ଏନ): ଏହି ବର୍ଷ ରାଜ୍ୟ ସରକାର ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ମାନଙ୍କ ମଧ୍ୟରେ ଫୁଟବଲ, କ୍ରିକେଟ, ଭଲିବଲ, ବାସ୍କେଟବଲ, କବାଡି, ବ୍ୟାଡମିଣ୍ଟନ, ଚେସ, କ୍ୟାରମ, ଟେବୁଲ ଟେନିସ ଆଦି ଖେଳକୁ ନେଇ ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରିଛନ୍ତି। ସବୁଠାରୁ ଖୁସିର କଥା ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର କୁମାର ବସା ଏହି ସବୁ ପ୍ରତିଯୋଗିତାକୁ ବାରିପଦାଠାରେ ଆୟୋଜନ କରିବା ପାଇଁ ରାଜ୍ୟ ସରକାରଙ୍କୁ ସମ୍ମତି ପ୍ରଦାନ କରିଛନ୍ତି। ଏହି ପ୍ରତିଯୋଗିତା ଜାନୁୟାରୀ ୨୧ ତାରିଖ ଠାରୁ ଆରମ୍ଭ ହୋଇ ୨୪ ଜାନୁୟାରୀ ପର୍ଯ୍ୟନ୍ତ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ଅଧିନରେ ଆୟୋଜିତ ହେବା ନିମନ୍ତେ ସ୍ଥିର ହୋଇଅଛି। ତେଣୁ ବିଶ୍ୱବିଦ୍ୟାଳୟ ତରଫରୁ କୁଳପତି ପ୍ରଫେସର କିଶୋର କୁମାର ବସାଙ୍କ ସଭାପତିତ୍ୱରେ ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପି.ଜି. କାଉନସିଲ ଚେୟାରମେନ ପ୍ରଫେସର ଡକ୍ଟର ଅନୀଲ କୁମାର ବିଶ୍ୱାଳ, ଡକ୍ଟର ଆର.କେ.ସିଂହ, ଡକ୍ଟର ଜେ.କେ. ମନ୍ତ୍ରୀ, ଡକ୍ଟର ପି.ଆର.ଦେବତା, ଡକ୍ଟର ବି.କେ. ଜେନା, ଡକ୍ଟର ଆଦିତ୍ୟ ପାତ୍ର, ଡକ୍ଟର ଜ୍ୟୋତିରଂଜନ ସାହୁ, ଡକ୍ଟର ସୃଷ୍ଟିଧର ରାଉତ, ଡକ୍ଟର ପୁଷ୍ପାଳି ପରିଡା, ଡକ୍ଟର ଗାର୍ଗି ମହାନ୍ତି, ଡକ୍ଟର କୁକୁ ମହାପାତ୍ର, ଡକ୍ଟର ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ, ଡକ୍ଟର ପ୍ରଭନ ମଲ୍ଲିକ୍, ବିଶ୍ୱବିଦ୍ୟାଳୟ ସ୍ପୋର୍ଟସ କାଉନସିଲ ସେକ୍ରେଟେରି ଡକ୍ଟର ଇନ୍ଦ୍ରଜିତ ନାଏକ, ମୟୂରଭ ଏଥଲେଟିକ୍ ଏସୋସିଏସନ ସେକ୍ରେଟେରୀ କିଶୋର କୁମାର ବିଶ୍ୱାଳ, ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରର ଅଧକ୍ଷ ପ୍ରଦୀପ କୁମାର ନାୟକ, ଏସ.ସି.ବି. ଡିଗ୍ରୀ କଲେଜର ଅଧକ୍ଷା ଡକ୍ଟର ଅସୀମା ସାହୁ, ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସରୋଜ ତ୍ରିପାଠୀ, ପ୍ରଦୀପ କୁମାର ମହାନ୍ତି, ମନୋରଂଜନ ଜୀଉ, ସୁନୀଲ କୁମାର ଜେନା, ଅମିତାଭ ଦାସ, ଚନ୍ଦନ ସେଜପଡା, ବିପ୍ଳବ ନାୟକ, ସୀବ ତନ୍ତି, ନଳିନୀ ରଂଜନ ଦାସ, ଦେବେନ୍ଦ୍ର ପତି, ତୃପ୍ତି ପାତ୍ର, ସୁବ୍ରତ କୁମାର ଦାଶ, ଶାନ୍ତି ସ୍ୱରୂପ ବସା, ପାର୍ଥ ସାରଥୀ ମିଶ୍ର, ତାପସ କୁମାର ସାମଲ, ଉଜିତ କୁମାର ଦାସ, ପ୍ରଦୀପ୍ତ ରଂଜନ ଦାସ ଆଦି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ସହଦେବ ସମାଧିଆ ଅତିଥି ପରିଚୟ ପ୍ରଦାନ କରିବା ସହିତ ହେବାକୁ ଥିବା ରାଜ୍ୟସ୍ତରୀୟ ଅନ୍ତବିଶ୍ୱବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ବିତନିୟନ୍ତ୍ରକ ସୁକଦେବ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ। କୁଳପତି ପ୍ରଫେସର ଡକ୍ଟର କିଶୋର କୁମାର ବସା ଏଭଳି ଖେଳ କୁଦ ପ୍ରତିଯୋଗିତା ଆୟୋଜନ କରିବା ନିମନ୍ତେ ପଦକ୍ଷେପ ନେଇଥବାରୁ ସମସ୍ତେ କୁଳପତିଙ୍କୁ ପ୍ରଶଂସା କରିଥିଲେ ଏବଂ ପ୍ରତିଯୋଗିତା କିପରି ସଫଳ ହେବ ସେଥି ନିମନ୍ତେ ପ୍ରତିଶୃତି ଦେଇଥିଲେ।

## ସତ୍ୟସାଇ ବାବାଙ୍କ ୯୬ତମ ଜନ୍ମ ଉତ୍ସବ ପାଳିତ



ଚଣ୍ଡିଖୋଲ,(ପି.ଏନ୍): ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳ ଚଣ୍ଡିଖୋଲ ପକ୍ଷରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୯୬ତମ ଜନ୍ମ ବାର୍ଷିକ ଉତ୍ସବ ନିଶିମଳାସ୍ଥିତ ସାଇ ମନ୍ଦିର ଠାରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷ ୪ ଘଟିକା ସମୟରେ ସାଇ ଶ୍ରଦ୍ଧାଳୁମାନେ ଗ୍ରାମ ମଧ୍ୟରେ ନଗର କରି ପରିକ୍ରମା କରିଥିଲେ। ପରେ ବାବାଙ୍କ ଫଟୋଚିତ୍ର ସମ୍ମୁଖରେ ଷୋଡ଼ଶ ଉପଚାର ପୂଜା, ଭଜନ ଓ ଆଳତୀ ପ୍ରଦାନ କରାଯାଇଥିଲା। ବାବାଙ୍କ ଲକ୍ଷ୍ୟ ସେବା ଓ ସମସ୍ତଙ୍କୁ ଭଲ ପାଇବା ସେ ନେଇ ଭଜନ ମଣ୍ଡଳ ପକ୍ଷରୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କର ସେବା ପାଇଁ ପଂହଚିଥିଲେ। ସେଠାରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡ଼ାକ୍ତର ରଶ୍ମି ରଂଜନ ପଶାୟତ, ମନୋରମା ସ୍ୱାଇଁ, ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳର ଆବାହକ ଦୁଷ୍ମନ୍ତ ଖିଲାର, ସାଇ ଆଶ୍ରିତ ଶିବରାମ ସାହୁ, ପ୍ରଦୀପ ଜେନା, ପ୍ରଭାତ ଜେନା, ଅଶାନ୍ତ ମଲିକ୍, ବିର କିଶୋର ଖଣ୍ଡାଇ, ଜ୍ୟୋତି ରଂଜନ ରାୟ, ପ୍ରଣୟ କୁମାର ଦାସ, ବନମାଳି ସେନାପତି, ଆକାଶ ସାହୁ, ଭାଗିରଥି ହାଂସଦା, ଜୀବନ ଜେନା, ସାଇ ନିର୍ମାଲ୍ୟ ସନ୍ତୋଷ ସାହୁ, ନନ୍ଦୁ ଜେନା, ବୁଲା ଭାଇ, ସୁମନ୍ତି ମଣୀ ହାଂସଦା, ସୁଜତା ଜେନା ପ୍ରମୁଖ ଓଁ କାର ଶବ୍ଦ ଉଚ୍ଚାରଣ କରି ଡ଼ାକ୍ତରଖାନାରେ ଥିବା ମହିଳା ରୋଗୀ ଓ ପୁରୁଷ ରୋଗୀମାନଙ୍କୁ ସୁଖିଲା ଖାଦ୍ୟ, ବାବାଙ୍କ ଫଟୋ ଓ ବିଭୂତି ବଂଟନ କରିଥିଲେ। ଏହାପରେ ବଡ଼ଚଣା ପଂଚାୟତ ଶାସନ ପୁରୁଷୋତମପୁର ଗ୍ରାମରେ ଥିବା "ଆମ ଘର"ରେ ଥିବା ଅନାଥ ପିଲାମାନଙ୍କୁ ମଧ୍ୟ ସୁଖିଲା ଖାଦ୍ୟ ଓ ବିଭୂତି ବଂଟନ କରାଯାଇଥିଲା। ସଂଧ୍ୟାରେ ସାଇ ମନ୍ଦିର ଠାରେ ଭଜନ କରାଯାଇ ଆରତୀ ପ୍ରଦାନ କରାଯାଇଥିଲା।

## ପିସିସି ସଂଖ୍ୟାଲଘୁ ବିଭାଗ ଦାୟୀତ୍ୱରେ ଥିବା ଏଆଇସିସି ପର୍ଯ୍ୟବେକ୍ଷକ ନେତୃବୃନ୍ଦ ମାନଙ୍କୁ ଭେଟିବେ

ଭୁବନେଶ୍ୱର,(ପି.ଏନ): ଓଡ଼ିଶାରେ ପ୍ରଦେଶ କଂଗ୍ରେସ କମିଟିର ସଂଖ୍ୟାଲଘୁ ବିଭାଗକୁ ସୁଦୃଢ଼ କରିବାପାଇଁ ଆସନ୍ତାକାଲି ତା ୨୪.୧୧.୨୦୨୧ ରିଖ ବୁଧବାର ଅଖିଳଭାରତ କଂଗ୍ରେସ କମିଟିର ସଂଖ୍ୟାଲଘୁ ବିଭାଗର ଓଡ଼ିଶା ଦାୟୀତ୍ୱରେ ଥିବା ପର୍ଯ୍ୟବେକ୍ଷକ ଶ୍ରୀ ଅବଦ୍ଦୁଲ ରହମନ ଖାନ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପଂହଚିବେ। ଏହି ଅବସରରେ ଶ୍ରୀ ରହମାନ ରାଜ୍ୟ ଏବଂ ସମସ୍ତ ଜିଲ୍ଲାର କଂଗ୍ରେସ ଦଳପ୍ରତି ଆନୁଗତ୍ୟ ଥିବା ସଂଖ୍ୟାଲଘୁ ନେତା ଓ କର୍ମୀମାନଙ୍କୁ ଭେଟିବେ। ଦଳକୁ ଓଡ଼ିଶାରେ ଶକ୍ତିଶାଳୀ କରିବା ନିମେନ୍ତ ପିସିସି କାର୍ଯ୍ୟାଳୟ ଠାରେ ଦିବା ୧୦ ଘଟିକାରୁ ଶ୍ରୀ ଅବଦ୍ଦୁଲ ରହମନ ଖାନ ଙ୍କୁ ସଂଖ୍ୟାଲଘୁ କର୍ମୀ ଓ ନେତୃବୃନ୍ଦ ଭେଟି ସୁଚିନ୍ତିତ ପରାମର୍ଶ ଦେବାପାଇଁ ପିସିସି ଗଣମାଧ୍ୟମ ସଂଯୋଜକ ଶ୍ରୀ ଦୀପକ କୁମାର ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଅନୁରୋଧ କରିଛନ୍ତି।

## ଜୟଦେବ ବିଜେଡିରେ ଦଳ କନ୍ଦଳ ନେଇ ଭୋଟର ଦ୍ୱନ୍ଦରେ



ବାଲିଅନ୍ତା : ଜୟଦେବ ନିର୍ବାଚନ ମଣ୍ଡଳୀରେ କ୍ଷମତା ହାତେଇବା ପାଇଁ ବିଜେଡି ଦଳରେ ଏକ ପ୍ରକାର ଗୋଷ୍ଠୀ କନ୍ଦଳ ଦିନକୁ ଦିନ ଉର୍ଗ ରୂପ ନେଉଥିବା ଜଳ ଜଳ ହୋଇ ଦିଶୁଛି। ଆଗକୁ ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଏବେ ଠାରୁ ଜୟଦେବ ନିର୍ବାଚନ ମଣ୍ଡଳୀରେ ବିଜେଡି ଦଳ ଭିତରେ ମୁଣ୍ଡ ଟେକିଛି ଗୋଷ୍ଠୀ କନ୍ଦଳ। ରାଜ୍ୟରେ ଅହେତୁକ ଗ୍ୟାସ ଦର ବୃଦ୍ଧି ହେତୁ ତାର ପ୍ରତିବାଦ ସ୍ୱରୂପ। ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱନ କ୍ରମେ ସସଗ୍ର ଓଡିଶାର ସମସ୍ତ ବ୍ଲକ ସମ୍ମୁଖରେ ଦଳ ତରଫରୁ ୩ଦିନ ବ୍ୟାପି ପ୍ରତିବାଦ ସଭା ହେଉଥିବା ବେଳେ ୨୨ତାରିଖରେ ବାଲିଅନ୍ତା ଓ ବାଲିପାଟଣା ବ୍ଲକ ସମ୍ମୁଖରେ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ବିଭୂତି ଭୁସଣ ବଳବନ୍ତରାୟଙ୍କ ନେତୃତ୍ୱ ଓ କମଳ କୁମାର ପାତ୍ରଙ୍କ ସହଯୋଗ କ୍ରମେ ଅଂଚଳର ଶହ ଶହ ମହିଳା ଓ ବିଜୁ ପ୍ରେମୀ ଅହେତୁକ ଗ୍ୟାସ ଦର ବୃଦ୍ଧି ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରା ବାଜି ଦେବା ସହ ଦାବି ପତ୍ର ବିଡିଓଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦ୍ୟେଶରେ ପ୍ରଦାନ କରିଥିଲେ। ଏହି ସଭାରେ ଜୟଦେବ ପର୍ଯ୍ୟବେକ୍ଷକ ଅମରେଶ ଜେନା ଜିଲ୍ଲା ମହିଳା ସଭାନେତ୍ରୀ ଗୀତାଞ୍ଜଳି ପାଟସାଣି, ବାଲିଅନ୍ତା ବ୍ଲକ ଅଧକ୍ଷା ସୂଚିତ୍ରା ଜେନାମଣି, ବ୍ଲକ ଯୁବ ସଭାପତି ପ୍ରଦିପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଡିଓଙ୍କୁ ସ୍ମାରକୀ ପତ୍ର ପ୍ରଦାନ କରିଥିଲେ। ସେହି ଭଳି ଦ୍ୱିତୀୟ ଦିବସରେ ବାଲିଅନ୍ତା ବ୍ଲକ ସରପଂଚଙ୍କ ସଭାନେତ୍ରୀ ଜୟଶ୍ରୀ ନାୟକଙ୍କ ନେତୃତ୍ୱରେ ଶହ ଶହ ମହିଳା ଏକତ୍ରିତ ହୋଇ ବ୍ଲକ ସମ୍ମୁଖରେ ବିକ୍ଷୋପ କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ନାରା ବାଜି କରି ସ୍ମାରକୀ ପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦ୍ୟେଶରେ ପ୍ରଦାନ କରିଥିଲେ। ଏହି ପ୍ରତିବାଦ ସଭାରେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ଡଃ ଅରବିନ୍ଦ ଢାଲୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାତୃ ଶକ୍ତି ଆଗରେ କେନ୍ଦ୍ର ସରକାର ହାର ମାନିବା ନେଇ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଅନୁପମା ମାର୍ଥା, ଜିଲ୍ଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ରଶ୍ମୀ ସାହୁ ଓ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିବାଦ ଦୁଇ ଗୋଷ୍ଠୀ ମଧ୍ୟରେ ପୃଥକ ପୃଥକ କରାଯାଇଥିବାରୁ ରାଜନୈତିକ ସମୀକ୍ଷକ ମଧ୍ୟରେ ଆଲୋଚନର କେନ୍ଦ୍ରବିନ୍ଦୁ ପାଲଟିଛି। ଆଗକୁ ପଂଚାୟତ ନିର୍ବାଚନ ଏହି ବିବାଦ ଦଳ ପାଇଁ ବେସ୍ ଭାରି ପଡିବ ବୋଲି ଚର୍ଚ୍ଚା ଯୋର ଧରିଛି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray